**ଦେଶର ଏକତା ବଜାୟ ରଖିବା ପାଇଁ ସଂକଳ୍ପ**

ଅସ୍ତରଙ୍ଗ,୧୬।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)- ଅସ୍ତରଙ୍ଗ ବ୍ଲକରେ ଗୁରୁବାର ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ୍ କାର୍ଯ୍ୟାଳୟ, ତହସିଲ ଅଫିସ, ୧୫ଟି ପଞ୍ଚାୟତ କାର୍ଯ୍ୟାଳୟ, ବିଭିନ୍ନ ଅନୁଷ୍ଠାନ, ସାମୁଦ୍ରିକ ଥାନା, ଅସ୍ତରଙ୍ଗ ଥାନା, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ପୂର୍ବତନ ସାମରିକ କର୍ମଚାରୀ ସଂଘ, ସବୁଜ ଶାଖା, ଦୁର୍ଗା କ୍ଲବ, ଅସ୍ତରଙ୍ଗ ଡ୍ରାଇଭର ମହାସଂଘ, କୁହୁଡ଼ି ଲବଣ ସତ୍ୟାଗ୍ରହ, ଖଣ୍ଡାସାହି ଚିନ୍ତନ ପୀଠ, ଅସ୍ତରଙ୍ଗ ମିଡିଆ ଫୋରମ୍‌ରେ ଜାତୀୟ ଉତ୍ତୋଳନ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବା ଲାଗି ସମସ୍ତେ ଜାତୀୟ ପତାକା ତଳେ ସଂକଳ୍ପ ନେଇଥିଲେ। ସେହିପରି ଶାନ୍ତି, ମୈତ୍ରୀ ଓ ସ୍ୱାଧୀନତାର ବାର୍ତ୍ତା ନେଇ ଦେବୀ ନଦୀରେ ତ୍ରିରଙ୍ଗା ପତାକା ଫରଫର ହୋଇ ଉଡ଼ିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୮।୨୦୨୪

| | |
|---|---|
| ୬,୨୧,୩୬୦ ଟଙ୍କା | |
| ସୁନା | ୭୮୦ ମିଲିଗ୍ରାମ୍ |
| ରୁପା | ୨୮.୩୮୦ ଗ୍ରାମ୍ |

## ସଂକ୍ଷେପରେ

### ଜାତୀୟ ପତାକା ଉତ୍ତୋଳନ

ବଳଙ୍ଗା,୧୬।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, କଲେଜ, ବିଦ୍ୟାଳୟ, ପଞ୍ଚାୟତରେ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବଳଙ୍ଗା ଥାନାରେ ଦିବ୍ୟରଞ୍ଜନ ପଣ୍ଡା, କୋଠକୁସାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଜୟନ୍ତୀ ବିଶ୍ୱାଳ, ନୂଆସନ୍ଥ ପଞ୍ଚାୟତରେ ଦ୍ୱିଜବର ସ୍ୱାଇଁ ଏବଂ ବଳଙ୍ଗା, ଗୋପୀନାଥପୁର, ଶାଇଁସଶାସନ, ହରିପୁର, ଗଡ଼ପଦନପୁର ପ୍ରଭୃତି ବିଭିନ୍ନ ପଞ୍ଚାୟତରେ ସରପଞ୍ଚମାନେ ଜାତୀୟପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବଳଙ୍ଗା ପ୍ରେସ୍ କ୍ଲବ ସଭାପତି କେଦାରେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଜାତୀୟପତାକା ଉତ୍ତୋଳନ କରାଯାଇଥିଲା। ସକାଳେ ବରିଷ୍ଠ ନାଗରିକ ସଂଘ, ବଉନିଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ରଭାତଫେରି ହୋଇଥିଲା।

### ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ

ନୟାହାଟ, ୧୬।୮ (ମହମ୍ମଦ ସମସୁଲ ଆରଫିନ):

୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଗୁରୁବାର ନୟାହାଟର ବାବା ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଫାଣ୍ଡି ପରିସରରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ। ମଞ୍ଚ ସଭାପତି ମଧୁସୂଦନ ରାୟଙ୍କ ନେତୃତ୍ୱରେ କରୁଣାକର ପାତ୍ର, ସୁରେନ୍ଦ୍ର ମୋହନ ବିଁଟି, ଶେଖ ଗୋଲାମ ମୁସ୍ତାଫା, ବିପିନ ରାୟ,ଜାହିରୀ ଖାନ୍, କୃଷ୍ଣଚନ୍ଦ୍ର ମିଶ୍ର, ଭ୍ରମର ରାଉତ, କୃଷ୍ଣଚନ୍ଦ୍ର ବାରିକ, ଅଭିମନ୍ୟୁ ସିଂହ, ଧୂମାଳ ବିଜେଡି ସଭାପତି ଆଲୋକ ରାୟଙ୍କ ସମେତ ବରିଷ୍ଠ ନାଗରିକମାନେ ବିଭିନ୍ନ ଚାରା ରୋପଣ କରିଥିଲେ। ଫାଣ୍ଡି ଅଧିକାରୀ କୁନାଲ କୁମାର, ଏଏସ୍‌ଆଇ ସନ୍ତୋଷ ସାହୁ ବରିଷ୍ଠ ନାଗରିକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହଯୋଗ କରିଥିଲେ। ସେହିପରି ଧୂମାଳ ପଞ୍ଚାୟତ ଅଧୀନ ୧୩ ନମ୍ବର ୱାର୍ଡ ରଙ୍ଗତୋଟା ମୁସଲିମ ବସ୍ତି ହବିବ କ୍ଲବରେ ୭୮ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୁବ ନେତୃତ୍ୱ ଅଭିମନ୍ୟୁ ସିଂହ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ବିଜେଡି ସଭାପତି ଆଲୋକ ରାୟ, କ୍ଲବ୍ ସଭାପତି ଶେଖ୍ ସିକନ, ସମ୍ପାଦକ ଶେଖ୍ ବେଲାଲ ଚାରାରୋପଣ କରିଥିଲେ।

# 'ଏକତା, ସାର୍ବଭୌମତ୍ୱର ପ୍ରତୀକ ତ୍ରିରଙ୍ଗା'



ମନ୍ତ୍ରୀ ମୁକେଶ ମହାଲିଙ୍ଗ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି ।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ

ପୁରୀ,୧୬।୮ (ଅଜିତ କୁମାର ମହାନ୍ତି)

ତ୍ରିରଙ୍ଗା ଆମ ଜାତୀୟ ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱର ପ୍ରତୀକ। ୧୯୪୭ ମସିହା ଅଗଷ୍ଟ ୧୫ରେ ଅଗଣିତ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ପାଥେୟ କରି ଆମେ ସ୍ୱାଧିନତା ପାଇଥିଲୁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କହିଛନ୍ତି। ଗୁରୁବାର ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୭୮ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଡା. ମହାଲିଙ୍ଗ ଜାତୀୟ ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବରପୁତ୍ରମାନଙ୍କୁ ସେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ପୁରୀବାସୀଙ୍କ ସହଯୋଗରେ ଚଳିତବର୍ଷ ରଥଯାତ୍ରା ଶାନ୍ତି ଓ ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇପାରିଥିବାରୁ ମନ୍ତ୍ରୀ ରାଜ୍ୟ ସରକାରଙ୍କ ତରଫରୁ ପୁରୀବାସୀ ଓ ପୁରୀ ପ୍ରଶାସନକୁ ସାଧୁବାଦ ଜ୍ଞାପନ କରିଥିଲେ।

ସେ କହିଥିଲେ, ଚଳିତ ରାଜ୍ୟ ବଜେଟ୍‌ରେ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷାର ପ୍ରତିଫଳନ ଘଟିଛି। ବଜେଟରେ ଗରିବ, ମହିଳା, ଯୁବବର୍ଗ ଓ କୃଷକଙ୍କ ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡର ବ୍ୟୟବରାଦ ହୋଇଛି। ଓଡ଼ିଆ ଅସ୍ମିତାର ପୁନରୁଦ୍ଧାର ଏବଂ ସୁରକ୍ଷା ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରାଯାଇଛି। ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩୧ ଶହ ଟଙ୍କାକୁ ବୃଦ୍ଧି କରାଯିବା ଆମ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ପ୍ରତି ସବ୍-ଡିଭିଜନ୍‌ରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବାକୁ ଯାଉଛି। ପିଏମ୍- କିଷାନ୍ ଯୋଜନା ଓ ସମୃଦ୍ଧ କୃଷକ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟର ମହିଳାଙ୍କ ଆର୍ଥିକ ଉନ୍ନତି ପାଇଁ ସୁଭଦ୍ରା ଯୋଜନାକୁ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ। ଶିକ୍ଷାକ୍ଷେତ୍ରରେ ଅଧିକ ବିକାଶ ପାଇଁ ପିଏମ୍‌ଶ୍ରୀ ସ୍କୁଲ ଯୋଜନା, ପଞ୍ଚସଖା ଶିକ୍ଷାସେତୁ ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା ଆଦି କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଭାରତୀୟମ' ପରିବେଷଣ କରାଯାଇଥିଲା। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ପାମସରା ସବସେଣ୍ଟର କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ଜଗନ ଓଝା ଓ ସ୍ୱୟଂପ୍ରଭା ପ୍ରଧାନ, ଆଗ୍ନିକ ବଟକୃଷ୍ଣ ମହାମାନସିଂ, ରାଜେଶ ପ୍ରଧାନ, ସଫେଇ କର୍ମଚାରୀ ଟୁନି ଦେଇ, ବାବୁନା ନାୟକ, ଜାତୀୟ କ୍ରୀଡ଼ାରେ ସଫଳ ହୋଇଥିବା ଥ୍ରୋ ବଲ ଓ ଖୋ ଖୋ ଦଳ, ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ସହ ପରେଡର ଶ୍ରେଷ୍ଠ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ଷ୍ଟାଡିୟମ ପରିସରରେ ଚାରାରୋପଣ, ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପୋଷାକ ବଣ୍ଟନ, ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିରକୁ ମନ୍ତ୍ରୀ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ସାଂସଦ ସମ୍ବିତ ପାତ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଗାନ୍ଧୀଘାଟରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସର୍ବୋଦୟ କମିଟି ସହଯୋଗରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ପ୍ରଦର୍ଶନୀ କ୍ରିକେଟ ମ୍ୟାଚରେ ଜିଲା ପ୍ରଶାସନ ବିଜୟୀ

ପୁରୀ,୧୬।୮ (ଅଜିତ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ଅବସରରେ ଗୁରୁବାର ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଜିଲା ପ୍ରଶାସନ ଏକାଦଶ ୮୯ ରନ କରିଥିବାବେଳେ ଜବାବରେ ଗଣମାଧ୍ୟମ ଏକାଦଶ ୬୦ ରନରେ ଅଲ ଆଉଟ ହୋଇଯାଇଥିଲା। ପ୍ରଶାସନ ଏକାଦଶ ପକ୍ଷରୁ ଲକ୍ଷ୍ମୀଧର ଦାସ ୧୬ ରନ ଦେଇ ୫ଟି ଉଇକେଟ ନେବା ସହ ଅପରାଜିତ ୧୩ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଗଣମାଧ୍ୟମ ଏକାଦଶର ପ୍ରୀତମ ଦାସ ଶ୍ରେଷ୍ଠ ବୋଲର, ପ୍ରଶାସନ ଏକାଦଶର କେଶବ ରାଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସୁକାନ୍ତ ଦାସ ଶ୍ରେଷ୍ଠ ଫିଲ୍ଡର ଓ ଗଣମାଧ୍ୟମ ଏକାଦଶର ଶିବ ପ୍ରସାଦ ଦାସ ଅଲରାଉଣ୍ଡର ବିବେଚିତ ହୋଇ ଟ୍ରଫି ହାସଲ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ବିଜେତା ଟ୍ରଫି ଓ ଗଣମାଧ୍ୟମ ଏକାଦଶ ପକ୍ଷରୁ ଅକ୍ଷୟ ମିଶ୍ର ରନର୍ସ ଅପ ଟ୍ରଫି ଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବିନାରାୟଣ ପ୍ରତିହାରୀ, ଅନ୍ୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ତ୍ରିରଙ୍ଗା ଯାତ୍ରାରେ ସାମିଲ ହେଲେ ବିଧାୟକ



ସାକ୍ଷୀଗୋପାଳ,୧୬।୮ (ଭରତ ରାଉତ)

ସ୍ୱାଧୀନତା ଦିବସରେ ଗୁରୁବାର ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ସୁଆଣ୍ଡୋଠାରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଷଠିଘର ପର୍ଯ୍ୟନ୍ତ 'ଘରେ ଘରେ ତ୍ରିରଙ୍ଗା' ଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ୩୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ମଣ୍ଡଳ ସଭାପତି ଉମେଶ ପ୍ରଧାନ ଓ ସୁରେନ୍ଦ୍ର ପ୍ରଧାନ, ଭାଜପା ନେତା ଦୀପକ କୁମାର ଶତପଥି, ଅଶୋକ ରାଉତରାୟ, ଘନଶ୍ୟାମ ସାହୁ, ହର ରଥ, ଧ୍ରୁବଚରଣ ଦାସ, ଧୂନିଆ ବେହେରା ଓ ସତ୍ୟବାଦୀ ବ୍ଲକର ବହୁ ସରପଞ୍ଚ, ସମିତି ସଭ୍ୟା ସଭ୍ୟା, ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ପତାକା ଉତ୍ତୋଳନ, ଦେଶାତ୍ମବୋଧକ କାର୍ଯ୍ୟକ୍ରମ



ଡେଲାଙ୍ଗସ୍ଥିତ ରାଧାକାନ୍ତ ବିଦ୍ୟାପୀଠର ଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ଡେଲାଙ୍ଗ,୧୬।୮ (ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଡେଲାଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅଧ୍ୟକ୍ଷା ବସନ୍ତୀ ସାହୁ, ଥାନାରେ ଥାନାଧିକାରୀ ଦେବାଶିଷ ମହାନ୍ତି, ତହସିଲ କାର୍ଯ୍ୟାଳୟରେ ତହସିଲଦାର ସନ୍ତୋସିନୀ ଦାଶ, ହାଟ ଫାଣ୍ଡିରେ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ୍, ହରିରାଜପୁର ଫାଣ୍ଡିରେ ଗଦାଧର ନାୟକ, ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଭୟଚରଣ ସାହୁ,ସରସ୍ୱତୀ ବିଦ୍ୟାମନ୍ଦିରରେ ଶିକ୍ଷାବିତ୍ ମିଟୁ କିଶୋର ପ୍ରଧାନ,ରାଧାକାନ୍ତ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଅଜୟ ଭୋଇ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ରାଧାକାନ୍ତ ବିଦ୍ୟାପୀଠର ଶାରିରୀକ ଶିକ୍ଷା ଶିକ୍ଷକ ନଟବର ସେଠୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ୍ ଓ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ହୋଇଥିଲା। ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ବଜାର ପରିକ୍ରମା କରିଥିଲେ। ଡେଲାଙ୍ଗ ଥାନା ଏସଆଇ କେଳୁଚରଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ବକ୍ତୃତା ପ୍ରତଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରାଚୀର ପତ୍ରିକା 'ଜାଗୃତି' ଉନ୍ମୋଚିତ ହୋଇଥିଲା। ବିଦ୍ୟାମନ୍ଦିର ସମ୍ପାଦକ କିଶୋର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ନବକିଶୋର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୭୮ତମ ସ୍ୱାଧୀନତା ଦିବସ ପାଳିତ

କୋଣାର୍କ, ୧୬।୮ (ଜ୍ୟୋତିରାଜ ମହାନ୍ତି

କୋଣାର୍କର ବିଭିନ୍ନ ଅନୁଷ୍ଠାନରେ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କୋଣାର୍କ ହସ୍ତଶିଳ୍ପ ବ୍ୟବସାୟ ସଂଗଠନ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, କୋଣାର୍କ ସାମ୍ବାଦିକ ସଂଘ, କୋଣାର୍କ ପ୍ରେସ କ୍ଲବ, କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କୋଣାର୍କ ଏନଏସିରେ ବିଧାୟକ ତୁଷାରକାନ୍ତି ବେହେରା, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ବିଧୁଭୂଷଣ ନାୟକ, ବନବିଭାଗ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, ଭଗବତୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ଅବତାର ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୋଣାର୍କ ଥାନାରେ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସମ୍ପାଦକ ଗୁଣନିଧି ମୁଦୁଲି, ଜବାହର ନବୋଦୟ ବିଦ୍ୟାଳୟରେ ଅଧ୍ୟକ୍ଷ ନୃସିଂହ ଚରଣ କର, ସୋଲାର ସଂଗଠନରେ ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ ପତାକା ଉତ୍ତୋଳନ କରିଥିଲେ।

## କଣାସ ଅଞ୍ଚଳରେ ସ୍ୱାଧୀନତା ଦିବସ

କଣାସ,୧୬।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ପୁରପଲ୍ଲୀ, ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବିଭିନ୍ନ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ନାରାୟଣ ସାହୁ, ସିଭିଲ ଜଜ୍ କୋର୍ଟରେ ବିଚାରପତି ଅନୁସମ ଦାଶ, ତହସିଲ କାର୍ଯ୍ୟାଳୟ, କଣାସ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟ, ପିଏସ୍ କ୍ୟାରିୟର ଏକ୍ସପ୍ଲୋରର ଏବଂ ଡ୍ରାଇଭର ମହାସଂଘ କାର୍ଯ୍ୟାଳୟରେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଣାସ ଥାନାରେ ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, ଜଳନିଷ୍କାସନ ବିଭାଗ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ମକରା ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ, ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଡାକ୍ତର ଅନୁସମ ଜେନା, ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ଜନମଙ୍ଗଳ କ୍ଲବରେ ସୁକାନ୍ତ କିଶୋର ସାମନ୍ତରାୟ, ଗଡିଶାଗୋଡା ଥାନାରେ ଦୁର୍ଗାଚରଣ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ଡିମିରି ଉ.ପ୍ରା ବିଦ୍ୟାଳୟରେ ଜନ୍ମେଜୟ ବାହିନିପତି, ବାରଦାବାଦଲପୁର ଉଚ୍ଚ ବିଦ୍ୟାଳୟ ଓ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ସିଆରସିସି ଭୂପତି ଭୂଷଣ ତ୍ରିପାଠୀ, ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ସଂଯୁକ୍ତା ଗୁମାନସିଂହ, କଣାସ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଉମ୍ବରୁଧର ଛୁଆଁଲସିଂହ, ଏକେଏସ୍‌ଏସ୍‌ରେ ସୁବର୍ଣ୍ଣକେଶରୀ ବଳିଆରସିଂହ, ଦୟାବିହାର ମହାବିଦ୍ୟାଳୟରେ କସ୍ତୁରୀ ଚରଣ ଚମ୍ପତି, ଚଉଦ ମୌଜା ବିଦ୍ୟୁତ୍ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିଷ୍ଣୁଚରଣ ସାମନ୍ତରାୟ, ମନ୍ଦାରବସ୍ତ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସି.ଆର.ସି.ସି ବୈକୁଣ୍ଠନାଥ କୋଦମାସିଂହ, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରଘୁନାଥ ବେହେରା, ତ୍ରିଲୋଚନପୁର ଶିଶୁ ବିଦ୍ୟାମନ୍ଦିରରେ ସଭାପତି ପ୍ରଫୁଲ୍ଲ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ।

## ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସରେ ୮ ପ୍ରତିଭା ସମ୍ବର୍ଦ୍ଧିତ

ନିମାପଡ଼ା,୧୬।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ଗୁରୁବାର ଐତିହାସିକ ବାରବାଟୀ ପଡ଼ିଆରେ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ଅତିରିକ୍ତ ବିଡିଓ ପ୍ରିୟଦର୍ଶନୀ ବରାଳ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ପୋଲିସ ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଅଗ୍ନିଶମ ଅଧିକାରୀ ସରୋଜକାନ୍ତ ସାହୁ, ଯୁବନେତା ଯତୀନ୍ଦ୍ର କୁମାର ସ୍ୱାଇଁ, ଶ୍ରୀମନ୍ତ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଜୀବନବ୍ୟାପୀ ସାଧନା ପାଇଁ ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ସମ୍ମାନ, ଶିକ୍ଷା ଓ କ୍ରୀଡ଼ା କ୍ଷେତରେ ଉଲ୍ଲେଖନୀୟ ଅବଦାନ ପାଇଁ ନିର୍ମଳ ମିଶ୍ର, ପ୍ରଦୀପ୍ତ କୁମାର ବେହେରାଙ୍କ ସମେତ ୫ ଜଣ କୃତୀ ଛାତ୍ରୀଛାତ୍ର ମୋଟରେ ୮ ଜଣ କୃତୀ ପ୍ରତିଭାଙ୍କୁ ପଞ୍ଚାୟତ ସମିତି ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ପରେଡ୍‌ରେ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ଭେଙ୍କଟେଶ୍ୱର ସ୍କୁଲର ଗାଇଡ୍, ସ୍କାଉଟ୍‌କୁ ରତ୍ନାକର ଦାଶ ମେମୋରିଆଲ୍ ଟ୍ରଫି, ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ଡିଏଭି ପବ୍ଲିକ୍ ସ୍କୁଲକୁ ମୋହନ ଦାସ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା।




ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମଞ୍ଚାସୀନ ଅତିଥିଙ୍କ ସହ ଛାତ୍ରୀମାନେ ।

# ସବୁଠି ଉଡ଼ିଲା ତ୍ରିରଙ୍ଗା

### ସତ୍ୟବାଦୀ

ସାକ୍ଷୀଗୋପାଳ,୧୬।୮ (ଭରତ ରାଉତ/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀର ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ରାଜନୈତିକ ଦଳ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସତ୍ୟବାଦୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ଲିପ୍ସା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟବାଦୀ ଥାନାରେ ଭାରପ୍ରାପ୍ତ ନିରୀକ୍ଷକ ଉମେଶ ଚନ୍ଦ୍ର ସାହୁ, ତହସିଲ ଅଫିସ୍‌ରେ ତହସିଲଦାର ଆଲୋକ ଦେହୁରୀ, ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ରରେ କେବିକେ ମୁଖ୍ୟ ସୂର୍ଯ୍ୟନାରାୟଣ ମିଶ୍ର, ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସର ଡା. ଦେବାଶିଷ ନାୟକ, ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପଞ୍ଚସଖାଙ୍କ ପୀଠରେ ବ୍ଲକ ସଭାପତି ସୁବାସ ଚନ୍ଦ୍ର ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ସ୍ଥାନୀୟ ରାଇସ୍ ମିଲ୍ ପରିସରରେ ପ୍ରହଲ୍ଲାଦ ଘଟୁଆରୀଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରୟାସ ପକ୍ଷରୁ କୋଶଳେଶ୍ୱରଙ୍କ ପୀଠରେ କାମାକ୍ଷା ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମଣ ବେହେରା, ଗଙ୍ଗାଧର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ସାରଙ୍ଗଯୋଡ଼ି ଲୋକ କଳାଗ୍ରାମରେ ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ବାଇଁଶିବାଡ଼ିସ୍ଥିତ ଅନୁଷ୍ଠାନର ଆଖଡ଼ାଘରଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସତ୍ୟବାଦୀ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ରମେଶ ଚନ୍ଦ୍ର ପଲେଇ ଓ କୈଳାସ ଗୋଟିପୁଅ ଓଡିଶୀ ନୃତ୍ୟ ପରିଷଦ ସମ୍ପାଦକ କୈଳାସ ଚନ୍ଦ୍ର ବିଶ୍ୱାଳ ସ୍ୱାଧୀନତା ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ରବୀନ୍ଦ୍ର କୁମାର ସାହୁ, ରମେଶ ଚନ୍ଦ୍ର ଦାସ ଓ ବିଜୟ କୁମାର ନାୟକ, ସୁକାନ୍ତ ମହାପାତ୍ର, ଗୋପାଳ ମହାରଣା, ସମୀର କୁମାର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମାନସ ପଟ୍ଟନାୟକ, ସତ୍ୟବାଦୀ ସରକାରୀ ବାଳିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାସୁକେରାରେ ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସେନାପତି ପତାକା ଉତ୍ତୋଳନ କରିଥିଲେ। ଛାତ୍ରୀଛାତ୍ରମାନେ ପରେଡ କରି ସାକ୍ଷୀଗୋପାଳ ବଜାର ପରିକ୍ରମା କରିବା ସହ ଭାରତ ମାତା ଓ ମହାପୁରୁଷମାନଙ୍କ ବେଶ ଧାରଣ କରିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅନାଥ ଆଶ୍ରମ ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ ଓ ସାକ୍ଷୀଗୋପାଳ କଲେଜ ଅଧୀକ୍ଷକଙ୍କ ନେତୃତ୍ୱରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା।



କାକଟପୁରଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି ।

### କାକଟପୁର

କାକଟପୁର, (ଶୁଭଦର୍ଶନ ମିଶ୍ର)

କାକଟପୁର ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସକାଳ ୭ଟାରେ କାକଟପୁର ଉଚ୍ଚ ବିଦ୍ୟାଳୟ, କାକଟପୁର ନୋଡାଲ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, ରାମକୃଷ୍ଣ ଶିଶୁ ମନ୍ଦିର, ସରସ୍ୱତୀ ଶିଶୁ ମନ୍ଦିର, ଜାହାନ୍ ପବ୍ଲିକ ସ୍କୁଲ, କେବିଏମ୍ କିଡ୍ସ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ବଜାର ପରିକ୍ରମା କରିବା ସହିତ ପ୍ରଭାତ ଫେରି କରିଥିଲେ। ସେହିପରି କାକଟପୁର ତହସିଲ ଅଫିସ୍ ଏବଂ ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ତହସିଲଦାର ଅଙ୍କିତା ଅନିନ୍ଦିତା, ବ୍ଲକ କାର୍ଯ୍ୟାଳୟରେ ବିଡିଓ ବିଷ୍ଣୁ ଗୋବିନ୍ଦ, ଥାନାରେ ଆଇଆଇସି ବିଜୟ କେତନ ବେହେରା, କାକଟପୁର ପ୍ରେସ କ୍ଲବରେ ସଭାପତି କମଳ ଲୋଚନ ଦୀକ୍ଷିତ, ମା' ମଙ୍ଗଳା ଅଟୋ ଆସୋସିଏଶନରେ ଥାନା ଆଇଆଇସି ପତାକା ଉତ୍ତୋଳନ କରିଥିଲେ। ସକାଳୁ ପ୍ରବଳ ବର୍ଷା ସତ୍ତ୍ୱେ ଛାତ୍ରୀଛାତ୍ରମାନେ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ସମେତ ବିଭିନ୍ନ ଧ୍ୱନି ଦେଇ ବଜାର ପରିକ୍ରମା କରିଥିଲେ ।




ସ୍ୱାଧୀନତା ଦିବସ ଅବସରରେ ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ପଦକ ପାଇଥିବା ପୋଲିସ, ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ଏବଂ ଜେଲ୍ ବିଭାଗର ଅଧିକାରୀ ଓ କର୍ମଚାରୀମାନେ।

# ୯୪ ଜଣଙ୍କୁ ପଦକ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

## ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୧୬।୮ (ସୂର୍ଯ୍ୟକାନ୍ତ ବେହେରା)

ସ୍ୱାଧୀନତା ଦିବସ ଅବସରରେ ଲୋକ ସେବା ଭବନ କନ୍‌ଭେନଶନ ହଲ୍‌ରେ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପୋଲିସ ସେବା, ଅଗ୍ନିଶମ ସେବା, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ସେବା ଏବଂ କାରାଗାର ଓ ସଂସ୍କାର ସେବାର ୯୪ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ, ବିଶିଷ୍ଟ ସେବା ଓ ସାହସିକତା ନିମନ୍ତେ ରାଷ୍ଟ୍ରପତି, ରାଜ୍ୟପାଳ ଓ ସାହସିକତା ପଦକ ସହ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ପଦକ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଏବଂ ପୂର୍ବତନ ପୋଲିସ ଡିଜି ଅରୁଣ କୁମାର ଷଡଙ୍ଗୀ, ଅଗ୍ନିଶମ, ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ବିଭାଗର ଡିଜି ଡ.ସୁଧାଂଶୁ କୁମାର ଷଡଙ୍ଗୀ, କାରାଗାର ଓ ସଂସ୍କାର ସେବା ବିଭାଗର ଅତିରିକ୍ତ ଡିଜି ଅମିତାଭ ଠାକୁରଙ୍କ ସହ ଗୃହ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ରୟାଲ କଲେଜରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର, ୧୬।୮ (ଅନୁରାଧା ମହାରଣା)

ମଞ୍ଚେଶ୍ୱରସ୍ଥିତ ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିରେ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଚେୟାରମ୍ୟାନ୍ ଡ. ବିଷ୍ଣୁମୋହନ ମହାନ୍ତି ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଛାତ୍ରୀଛାତ୍ର ନିଜ କାର୍ଯ୍ୟଦକ୍ଷତାକୁ ଶୃଙ୍ଖଳାର ସହିତ ପ୍ରମାଣିତ କରି କଲେଜ ଓ ଆମ ଦେଶ ପାଇଁ ଗୌରବ ଆଣିବାକୁ ବଦ୍ଧ ପରିକର ହେବା ଆବଶ୍ୟକ ବୋଲି ଡ. ମହାନ୍ତି କହିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଡ. ପ୍ରଶାନ୍ତ ନାଥ, ଅଧ୍ୟକ୍ଷ ଜୀବନ କିଶୋର ମିଶ୍ରଙ୍କ ସହ ପ୍ରଫେସର ବୈରାଗୀ ଚନ୍ଦ୍ର ପରିଡ଼ା, ମଧୁସୁଦନ ଓଝା, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାଢୀ, ସଂଘମିତ୍ରା ପଟ୍ଟନାୟକ, ଅନୀଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେଡରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରାଣାପ୍ରତାପ ହାଉସ ଓ ମଧୁସୁଦନ ହାଉସ୍‌କୁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଅଧ୍ୟାପକ ପଙ୍କଜ କୁମାର ବେହେରା, ଇଂଲିଶ ଅଧ୍ୟାପକ ସମ୍ମିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ବର୍ଷର ଛାତ୍ରୀ ଶୁଭସ୍ମିତା ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜଭବନରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର, ୧୬।୮ (ଅସମାପିକା ସାହୁ)

ରାଜଭବନରେ ୭୮ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୯ଟାରେ ରାଜ୍ୟପାଳ ରଘୁବର ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଭୀମଭୋଇ ଦୃଷ୍ଟି ବାଧିତ ବିଦ୍ୟାଳୟର ଛାତ୍ରୀଛାତ୍ର, ଆଦୃତ ହୋମ୍‌ର ଅନ୍ତେବାସୀ, ଆୱାକେନ୍ କ୍ୟାନସର କେୟାର ଟ୍ରଷ୍ଟ ଓ ନୀଳାଦ୍ରୀ ସେବା ଟ୍ରଷ୍ଟ ତତ୍ତ୍ୱାବଧାନରେ ରହୁଥିବା କ୍ୟାନସର ସହ ଲଢ଼େଇ କରୁଥିବା ପିଲାମାନେ ଯୋଗଦେଇ ସ୍ୱାଧୀନତା ଦିବସ ପାଳନ କରିଥିଲେ। ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ କୁମାର ଶତପଥୀ, ଏକାଡେମୀକ ପରାମର୍ଶଦାତା ଡ. ଶୁକ୍ଲା ମହାନ୍ତି, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ପରେ ଅଭିଷେକ ହଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଉତ୍ସବରେ ଯୋଗଦେଇଥିବା ପିଲାମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ରାଜ୍ୟପାଳ ପିଲାମାନଙ୍କୁ ଉପହାର ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ରାଜ୍ୟପାଳ ଆଦୃତ ହୋମ୍‌ର ଅନ୍ତେବାସୀ ଅମ୍ରିତାଙ୍କୁ ୨୫ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ।



ରାଜ୍ୟପାଳ ରଘୁବର ଦାସ ଛାତ୍ରୀଛାତ୍ରଙ୍କ ସହ କଥା ହୋଇ ଉତ୍ସାହିତ କରୁଛନ୍ତି।

# ରାଜ୍ୟ ଆଜାଦ୍‌ହିନ୍ଦ୍ ଫୌଜ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ

ଭୁବନେଶ୍ୱର, ୧୬।୮, (ବନ୍ଦନା ସେଠୀ)

ଓଡ଼ିଶା ରାଜ୍ୟ ଆଜାଦ୍ ହିନ୍ଦ ଫୌଜ ସଂଘ ପକ୍ଷରୁ ୟୁନିଟ୍-୩ ରାଜ୍ୟ କାର୍ଯ୍ୟାଳୟରେ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବସନ୍ତ କୁମାର ପାଇକରାୟ ଜାତୀୟ ପତାକା ଉତ୍ତୋଳନ କରି କଷ୍ଟଲବ୍ଧ ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବାକୁ ଆହ୍ୱାନ ଦେଇଥିଲେ। ଆଜିର ପରିସ୍ଥିତିରେ ଦେଶକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐକ୍ୟବଦ୍ଧ ହୋଇ ବିଚ୍ଛିନ୍ନତା ଓ ସାଂପ୍ରଦାୟିକତାବାଦ ବିରୋଧରେ ସଂଗ୍ରାମ କରିବାକୁ ସେ କହିଥିଲେ। ସଂଘ ସମ୍ପାଦକ ସମାଜସେବୀ ଶ୍ରୀକାନ୍ତ ମିଶ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ପ୍ରଫୁଲ୍ଲ ତ୍ରିପାଠୀ, ସନ୍ଦୀପ ଦାସ, ପୀତବାସ ମାନସିଂ, ଉପଦେଷ୍ଟା ସମାଜସେବୀ ଗୌରୀଶଙ୍କର ମିଶ୍ର, ତ୍ରିଲୋଚନ ମହାନ୍ତି, ଭରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ ସେବା ଭବନରେ 'ମା ତୁଝେ ସଲାମ'



ଭୁବନେଶ୍ୱର, ୧୬।୮ (ସୂର୍ଯ୍ୟକାନ୍ତ ବେହେରା)

କମିଶନରେଟ ପୋଲିସ ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୋଲିସ ସେବା ଭବନକୁ ତ୍ରିରଙ୍ଗା ରଙ୍ଗର ଆଲୋକ ମାଳାରେ ସୁସଜ୍ଜିତ କରାଯିବା ସହିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ 'ମା ତୁଝେ ସଲାମ'ର ଆୟୋଜନ କରାଯାଇଥିଲା। ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଶୀତଲ ପାତ୍ର, ଓଡିଆ ଗୀତିକାର ଶଶାଙ୍କ ଶେଖର, ଦୀପ୍ତିରେଖା ପାଢୀ ଓ ଅନ୍ତରା ଚକ୍ରବର୍ତ୍ତୀ ଯୋଗଦେଇଥିଲେ। ବିଭିନ୍ନ ବସ୍ତିର ଡ୍ୟାନ୍ସ ଗ୍ରୁପ ନୃତ୍ୟ ପ୍ରଦର୍ଶନ କରିଥିବାବେଳେ ପିଲାମାନେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଏସିପି କୃଷ୍ଣ ଚନ୍ଦ୍ର ସେଠୀ ମଧ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହ ମାଟ୍ରିକ ବୋର୍ଡ ପରୀକ୍ଷାରେ ଭଲ ମାର୍କ ରଖିଥିବା ବିଷ୍ଣୁ ପ୍ରସାଦ ଶ୍ରୀଚନ୍ଦନ, ମନୀଷା କୁମାରୀ ପାତ୍ର, ସ୍ମୃତି ସମାପିକା ଓ ରିତୁଲ ନାୟକ ଏବଂ +୨ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଚୌଧୁରୀ ଏନ୍ ପ୍ରଥମ ଏବଂ ପ୍ରଜ୍ଞା ପରମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜାତୀୟ ସ୍ତରରେ ଉତ୍ତମ କ୍ରୀଡା ପ୍ରଦର୍ଶନ କରି କିକ୍ ବକ୍ସିଙ୍ଗରେ ସ୍ୱର୍ଣ୍ଣପଦକ ପାଇଥିବା ସନ୍ତୋଷ ଦାଶ ଏବଂ ଥାଇ ବକ୍ସିଙ୍ଗରେ ସ୍ୱର୍ଣ୍ଣପଦକ ବିଜେତା ରୁଦ୍ରନାରାୟଣ ଭୋଳଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱର-କଟକ ପୋଲିସ କମିଶନର ସଞ୍ଜୀବ ପଣ୍ଡା, ଡିସିପି ପ୍ରତୀକ ସିଂହ, ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଅରୁନ୍ଧତୀ ଜୁଏଲର୍ସର ମ୍ୟାନେଜିଂ ଡାଇରେକ୍ଟର ବ୍ରହ୍ମାନନ୍ଦ ମେହେର, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ସ୍ୱତନ୍ତ୍ର ଅତିଥି ରୂପେ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଲାଭ କଲେ ସ୍ୱାଧୀନତା ମୂଲ୍ୟ ବୁଝିପାରିବେ

ଭୁବନେଶ୍ୱର, ୧୬।୮ (ଅନୁରାଧା ମହାରଣା)

କିଟ୍, କିସ୍, କିମ୍ସ, କିଟ୍ ପବ୍ଲିକ ସ୍କୁଲ ଓ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଗୁରୁବାର ୭୮ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କିସ୍‌ରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସାମନ୍ତ କହିଲେ, ସମାଜର ବିକାଶରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ବିଶେଷକରି ଗୁଣାତ୍ମକ ଶିକ୍ଷା ଜରିଆରେ ସମାଜର ଦୁର୍ବଳ ବର୍ଗ ତଥା ଜନଜାତି ଛାତ୍ରୀଛାତ୍ରଙ୍କ ବିକାଶ ହୋଇପାରିବ। ଶିକ୍ଷା ଜରିଆରେ ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କିସ୍ ଜନଜାତିଙ୍କ ବିକାଶ କରିଆସୁଛି। ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଲାଭ କରିପାରିଲେ ସ୍ୱାଧୀନତାର ମୂଲ୍ୟ ବୁଝିପାରିବେ ବୋଲି ସେ କହିଥିଲେ। ମେକ୍ସିକୋର ବିଶିଷ୍ଟ ଟେଲିଭିଜନ ଶୋ' ମେକର ସେଫ ଚାର୍ଲି ରୁବିଓ, କିଟ୍ ଓ କିସ୍ ସମ୍ପାଦକ ଆର୍. ଏନ୍. ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ, କିସ୍‌ର ମହାନିର୍ଦ୍ଦେଶକ କାହ୍ନୁ ଚରଣ ମାହାଲି ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି କିଟ୍ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ସିଂହ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ, କିମସ୍‌ରେ ସ୍କୁଲ ଅଫ ମେଡିସିନର ଅଧ୍ୟକ୍ଷ ବ୍ରିଗେଡିୟର ଡା. ଅମ୍ବିକା ପ୍ରସାଦ ମହାନ୍ତି ଓ କିଟ ପବ୍ଲିକ ସ୍କୁଲରେ ସ୍କୁଲର ଅଧ୍ୟକ୍ଷ ଦିଲୀପ କୁମାର ତ୍ରିପାଠୀ ପତାକା ଉତ୍ତୋଳନ କରିଥିଲେ।




# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

## ନିସ୍ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୧୬।୮ (ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଡେପୁଟି ଡାଇରେକ୍ଟର ଡା. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ଡ. ଭବାନୀ ଶଙ୍କର ରଥ, ଉପାଧ୍ୟକ୍ଷ ପ୍ରଫେସର ଇନ୍ଦ୍ରଜିତ୍ ଦାସ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ଯୋଗଦେଇଥିଲେ।



## ବିଏମ୍‌ପିଏସ୍ ତକ୍ଷ୍ୟଶିଳା ସ୍କୁଲ

ସ୍ୱାଧୀନତା ଦିବସ ପାଳନ ଅବସରରେ ବିଏମ୍‌ପିଏସ୍ ତକ୍ଷ୍ୟଶିଳା ସ୍କୁଲ ପରିସରରେ ବିଦ୍ୟାଳୟ ଅଧ୍ୟକ୍ଷ ଗୁଗୁଲ କିଶୋର ଦାସ, ନିର୍ଦ୍ଦେଶକ ସିକତା ଦାସ ଏବଂ ପ୍ରିନ୍ସିପାଲ ଲିପ୍ସିତା ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶପ୍ରୀତିର ବାର୍ତ୍ତା ବାଣ୍ଟିଥିଲେ। ପରେ ସ୍କୁଲର ବାର୍ଷିକ ପ୍ରଦର୍ଶନୀ 'ଅବିଷ୍କାର ୨୦୨୪' ଉଦ୍‌ଘାଟିତ ହୋଇଥିଲା। ଛାତ୍ରୀଛାତ୍ରମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବରେ ପ୍ରଶାସନିକ ଅଧିକାରୀ ଅରବିନ୍ଦ ବେହେରା ଓ ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ. ତୃପ୍ତି ଦାସ ଯୋଗଦେଇଥିଲେ।

## ଓୟୁଟିଆର



ଓଡିଶା ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚ (ଓୟୁଟିଆର୍) ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। କୁଳପତି ପ୍ରଫେସର ଡ. ବିଭୂତିଭୂଷଣ ବିଶ୍ୱାଳ ଓ ରେଜିଷ୍ଟ୍ରାର ଡ. ରେଣୁ ପ୍ରଭା ନାୟକଙ୍କ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କୁଳପତି ଜାତୀୟ ପତାକା ଉତ୍ତୋଳନ କରିବା ପରେ ସମବେତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏ ଅବସରରେ 'ହର ଘର ତିରଙ୍ଗା' ଅଭିଯାନରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ପାଇଁ ଏକ ସମ୍ମାନ ପ୍ରଦାନ ସମାରୋହ ଆୟୋଜିତ ହୋଇଥିଲା। ରଙ୍ଗୋଲି, ପ୍ରବନ୍ଧ ଲେଖନ, କଳାକୃତି, ପ୍ଲାଣ୍ଟେସନ ଡ୍ରାଇଭ ଏବଂ ରିଲ୍ ତିଆରି କରି ଛାତ୍ରୀଛାତ୍ର ସୃଜନଶୀଳତାକୁ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ 'ଇନ୍‌ଫର୍ମେଶନ ଟେକ୍ନୋଲୋଜି ସିକ୍ୟୁରିଟି: ମଡର୍ନ ଟ୍ରେଣ୍ଡସ ଆଣ୍ଡ୍ ଚ୍ୟାଲେଞ୍ଜେସ'କୁ ଦେବାଶିଷ ଗଉଁତିଆ ଓ କୁଳପତି ଉନ୍ମୋଚନ କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ଜଗନ୍ନାଥ ନଗରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୭୮ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଅତିଥି ଭାବେ ଶିକ୍ଷାନୁଷ୍ଠାନର ମ୍ୟାନେଜିଙ୍ଗ ଟ୍ରଷ୍ଟି ବୈରାଗୀ ଚରଣ ନାୟକ, ପରିଚାଳନା ସଂଘର ସଭାପତି ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ମ୍ୟାନେଜର ସତ୍ୟାନନ୍ଦ ରାଜ, ଡ. ପୀତବାସ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରିୟଦର୍ଶୀ ଖାଡଙ୍ଗା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ମିଶ୍ର ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷୟିତ୍ରୀ ସଂଗୀତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିବାବେଳେ ଶିକ୍ଷକ ଦୀପ୍ତି ରଞ୍ଜନ ସ୍ୱାଇଁଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ଚକେଇସିହାଣୀ ଉନ୍ନୟନ କମିଟି ପକ୍ଷରୁ ଯାତ୍ରାପଡ଼ିଆରେ ପତାକା ଉତ୍ତୋଳନ କରାଯାଉଛି।



ଘୁମୁସର ଉନ୍ନୟନ ମଞ୍ଚ ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଉଛି।



ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି। ପରେ ସେ ସ୍ୱାଧୀନତା ସଂଗ୍ରାମୀ ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ଖୋର୍ଦ୍ଧା ମାଟି ଉତ୍ତରପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ

ଖୋର୍ଦ୍ଧା, ୧୬।୮ (ପ୍ରଭାତ ପାଣିଗ୍ରାହୀ)

ସୁଭଦ୍ରା ଯୋଜନା ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ମହିଳାଙ୍କୁ ଅଧିକ ସଶକ୍ତୀକରଣ, ଆତ୍ମନିର୍ଭର କରିବା ଏହି ଯୋଜନାର ଲକ୍ଷ୍ୟ। ଦେଶର ଆୟୁଷ୍ମାନ ଭାରତ ଯୋଜନାରେ ପ୍ରାୟ ୧୦କୋଟି ୭୪ଲକ୍ଷ ଅନ୍ତର୍ଭୁକ୍ତ ହୋଇଛନ୍ତି। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏହାର ଲକ୍ଷ୍ୟ। ଆଉ କିଛି ବର୍ଷ ପରେ ଉତ୍କଳ ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ ହେବ। ୨୦୩୬ ଓଡ଼ିଶାର ସ୍ୱର୍ଣ୍ଣିମ ଅଧ୍ୟାୟ ସହ ବିକଶିତ ରାଜ୍ୟରେ ପରିଣତ ପାଇଁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ। ଲୋକଙ୍କ ମୌଳିକ ଅଧିକାର ଓ ମାନବାଧିକାର ସୁରକ୍ଷା ପାଇଁ ସରକାର ସଚେତନ ଅଛନ୍ତି। ଓଡ଼ିଶା ପ୍ରଗତି ପଥରେ ଆଗେଇ ଚାଲିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ବିକାଶ ପାଇଁ ଅନେକ ଯୋଜନା ଶୁଭାରମ୍ଭ କରିଛନ୍ତି। ଗ୍ରାମୀଣ ବିକାଶ, କୃଷି, ଶିଳ୍ପ, ଶିକ୍ଷା, କ୍ରୀଡା ଓ ସୂଚନା ଓ ପ୍ରଯୁକ୍ତି, ସ୍ୱାସ୍ଥ୍ୟସେବାରେ ଉନ୍ନତି ସହ ଅର୍ଥନୈତିକ ଅଭିବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ରାଜ୍ୟ ସମବାୟ ଓ ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି।

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ସାମନ୍ତ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ, ଖୋର୍ଦ୍ଧା ବୀରତ୍ୱର ମାଟି। ବହୁ ମୁକ୍ତି ସଂଗ୍ରାମୀଙ୍କ ଜନନୀ ଭାବେ ଅଲିଭା ସ୍ୱାକ୍ଷର ବହନ କରୁଛି। ଏହି ମାଟି କଳା, ସାହିତ୍ୟ, ସଂସ୍କୃତିର ପ୍ରବାହମାନ ସୃଷ୍ଟି କରି ନୂତନ ଜାଗରଣ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଇଂରେଜ ବିରୋଧରେ ସଶସ୍ତ୍ର ସଂଗ୍ରାମ ଏହି ମାଟିରୁ ଆରମ୍ଭ ହୋଇଥିଲା। ଏହି ମାଟିର ବରପୁତ୍ର ମୁକୁନ୍ଦପ୍ରସାଦ, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର, କୃତିବାସ ପାଟଶାଣୀ, ମାଧବ ଚନ୍ଦ୍ର ରାଉତରାୟଙ୍କ ବଳିଦାନ ଏହି ଜାତିକୁ ଗୌରାବନ୍ୱିତ କରିଛି। ଏହି ମାଟିର ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ମାୟାଧର ମାନସିଂ, ସଚ୍ଚି ରାଉତରାୟ, ପର୍ଶୁରାମ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ ଆଦି ଅନେକ ଯଶସ୍ୱୀଙ୍କୁ ଜନ୍ମ ଦେଇଛି। ଭାରତ ସ୍ୱାଧୀନତା ସଂଗ୍ରାମର ଏହି ମାଟିର ଅବଦାନ ଅତୁଳନୀୟ। ଉତ୍ତରପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମନ୍ତ୍ରୀ ସାମନ୍ତ କହିଥିଲେ।


ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଅଭିବାଦନ ଗ୍ରହଣ କରୁଛନ୍ତି।

**ଜିଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ସମାରୋହ**

ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ପଦ୍ମଶ୍ରୀ ଅରୁଣା ମହାନ୍ତି, ପ୍ରଭାକର ମହାରଣା, ବିନୋଦ ମହାରଣା ଏବଂ ଜଗନ୍ନାଥ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ଟପ୍ପର ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଏଥିସହିତ ଜୁନିୟର ଓ ସିନିୟର ସ୍ତରରେ ଶ୍ରେଷ୍ଠ କଂଟିଜେଂଟଙ୍କୁ ପୁରସ୍କୃତ କରାଯାଇଥିଲା। ପରେଡରେ ବିଭିନ୍ନ ସ୍କୁଲ, ହାଇସ୍କୁଲ, ମହାବିଦ୍ୟାଳୟରୁ ଏନ୍‌ସିସି, ସ୍କାଉଟ୍ସ ଗାଇଡସ, ରେଡକ୍ରସ ଓ ସିଭିଲିଆନକୁ ମିଶାଇ ୪୯ଟି ଟ୍ରୁପ୍ ଯୋଗଦେଇଥିଲେ। ଜିଲା ସ୍ୱାସ୍ଥ୍ୟ, କୃଷି ବିଭାଗ, ପୌର ପରିଷଦ ଏବଂ ରାଜ୍ୟ ସଡ଼କ ପରିବହନ ପ୍ରଜ୍ଞାପନ ମେଢ ସାମିଲ ହୋଇଥିଲା। ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଅବିନାଶ କୁମାର, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଓ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ। ପରେ ଜିଲା ସଦର ମହକୁମା ଚିକିତ୍ସାଳୟରେ ପହଞ୍ଚି ମୁଖ୍ୟ ଅତିଥି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ସେହିପରି ବିଶ୍ୱ ଜୀବନ ସେବା କେନ୍ଦ୍ର ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ପ୍ରାତଃରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ କରାଯାଇଥିଲା। ପୌରସଂସ୍ଥା ପକ୍ଷରୁ ସହରର ସମସ୍ତ ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ସବୁଠି ଉଡ଼ିଲା ତ୍ରିରଙ୍ଗା

**ଖୋର୍ଦ୍ଧା, ୧୬।୮ (ପ୍ରଭାତ ପାଣିଗ୍ରାହୀ):** ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ଉପଦେଷ୍ଟା ତପନ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ମହସିନ ଖାନଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ପ୍ରକାଶ ହାତୀ, ପ୍ରବୀଣ ଭଞ୍ଜ, ଗୋପାଳ ଦାସ, ଦିଲ୍ଲୀପ ପଟ୍ଟନାୟକ, ଗୋପାଳ ପ୍ରଧାନ, ରାଜେଶ ମହାନ୍ତି, ଲିୟାକତ ଅଲି, ଅବ୍ରାରୁଲ ହକ, ମୋତାହାର ୟୁସୁଫ, ଆକାଶ ବିଶ୍ୱାଳ, କେଦାର ସାହୁ, ମନୋରଞ୍ଜନ ସାହୁ, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ସୁବ୍ରତ ରଣା, କୁତୁବଦ୍ଦିନ ଖାନ, ଅୟସ ମହାନ୍ତି, ରାଜୀବ ମହାପାତ୍ର, ଇଶ୍ୱର ଚନ୍ଦ୍ର ମଙ୍ଗରାଜ, ସେକ ଜାଫରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ପିତାପଲ୍ଲୀସ୍ଥିତ ଜିଲା କାର୍ଯ୍ୟାଳୟ ପରିସରରେ ଓୟୁଡବ୍ଲୁଜେ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପରିଚାଳନା କରିଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଧନ୍ୟବାଦ ଦେଇଥିଲେ। ବେଗୁନିଆ ଥାନା ପରିସରରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ପତାକା ଉତ୍ତୋଳନ କରିଥିଲେ।

**ବୋଲଗଡ଼, (ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ବିଧାୟକ ପ୍ରଦୀପ ସାହୁ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଶରତ ମଲ୍ଲିକ, ଏବିଡିଓ ରତିକାନ୍ତ ମିଶ୍ର, ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ସମିତି ସଭ୍ୟା, ସରପଞ୍ଚଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସେହିପରି ବାସଷ୍ଟାଣ୍ଡ ସ୍ଥିତ ବଣିକ ମହାସଂଘ କାର୍ଯ୍ୟାଳୟ ପରିସରରେ ୭ଟି ବଣିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମହାସଂଘ ସଭାପତି



ସଂଘ ସଭାପତି ପ୍ରକାଶ ହାତୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ସଦସ୍ୟ ଇଶ୍ୱର ଚନ୍ଦ୍ର ମଙ୍ଗରାଜ, ଦିଲ୍ଲୀପ ପଟ୍ଟନାୟକ, ଜୋହେବ ହକ, ଆକାଶ ବିଶ୍ୱାଳ, ମନୋରଞ୍ଜନ ସାହୁ, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ସୁବ୍ରତ ରଣା, କୁତୁବଦ୍ଦିନ ଖାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶ୍ରୀରାମନଗର ସ୍ଥିତ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମଞ୍ଚ ଓ ପୂର୍ବତନ ସୈନିକ ସଂଘ ମିଳିତଭାବେ ସ୍ୱାଧୀନତା ଦିବସ ପାଳନ କରିଛନ୍ତି। ପୂର୍ବତନ ସୈନିକ ସଂଘର ସଭାପତି ଅନାଥ ବନ୍ଧୁ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ରାଧାବଲ୍ଲଭ ରାୟ, ବିଦ୍ୟାଧର ଲେଙ୍କା, ଶିବପ୍ରସାଦ ମଜୁମଦାର, ରତ୍ନାକର ଗୁମାନସିଂ, ପଞ୍ଚାନନ ସୁବୁଦ୍ଧି, ଉଦୟଭାନୁ ରାଉତରାୟ, କବିର ବଡଜେନା, ବିଶ୍ୱନାଥ ପରିଡା, ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧାର ସଭାପତି ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସାଦ ମଜୁମଦାର ଉଦ୍‌ବୋଧନ ଦେଇଥିଲେ। ମଞ୍ଚର ଉପଦେଷ୍ଟା ଭୀମସେନ ପ୍ରଧାନ, ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସମ୍ପାଦକ ରାମଶଙ୍କର ଉତ୍ସବକୁ ପରିଚାଳନା କରିଥିଲେ।

**ବେଗୁନିଆ, (ହର ପ୍ରସନ୍ନ ପଣ୍ଡା /ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ମିନି ଷ୍ଟାଡିୟମ ପରିସରରେ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ମୁଖ୍ୟବକ୍ତା ଓ ସ୍ଥାନୀୟ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପତାକା ଉତ୍ତୋଳନ ପରେ ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ସହ ପରେଡରେ ଅଂଶଗ୍ରହଣ କରିଥିଲେ। ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିସି କାର୍ଯ୍ୟକ୍ରମ ପାଣ୍ଡବ ସାହୁଙ୍କ ତତ୍ତ୍ୱାବଧାନରେ ଆଇଆଇସି ସ୍ନିଗ୍ଧାମୟୀ ବରାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଟାଙ୍ଗୀ, (ରଘୁନାଥ ସାହୁ):** ଟାଙ୍ଗୀ ଏବଂ ଚାନ୍ଦପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି। ଦୁର୍ଗା ଚରଣ ଚିଲିକା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମିଳିତଭାବେ ଦୁର୍ଗା ଚରଣ ଚିଲିକା ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥୀ, ଦୁର୍ଗା ଚରଣ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୀତାଂଶୁ ଭୂଷଣ ନନ୍ଦଙ୍କ ଉପସ୍ଥିତରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ମିତାଲି ପାତ୍ର, ଥାନାରେ ଆଇଆଇସି ସୁଶାନ୍ତ ବେହେରା, ବନ ବିଭାଗ କାର୍ଯ୍ୟାଳୟରେ ରେଞ୍ଜର ଦେବାଶିଷ ଭୋଇ, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା.ସତ୍ୟ ପ୍ରକାଶ ନନ୍ଦ, ଗ୍ରାମ୍ୟ ନ୍ୟାୟାଳୟରେ ବିଚାରପତି ସୁବୋଧ କୁମାର ସେଠି, ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ବାଲୁଗାଁ, (ସଂଗ୍ରାମ ପାଇକରାୟ):** ଚିଲିକା ନିର୍ବାଚନ ମଣ୍ଡଳୀ ଅଧୀନ ବାଲୁଗାଁ ଏବଂ ଏହାର ଆଖପାଖ ଅଞ୍ଚଳରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଭାତ ଫେରି କରାଯାଇ ନଗର ପରିକ୍ରମା ସହ ବାଲୁଗାଁ ବଜାର ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଭାରତୀୟ ନୌସେନା କେନ୍ଦ୍ର, ବଡ଼କୁଳ ପାନ୍ଥନିବାସ, ବାଲୁଗାଁ ଥାନା, ଏନ୍‌ଏସି କାର୍ଯ୍ୟାଳୟ, ଅଗ୍ନିଶମ ବିଭାଗ, ଡାକ୍ତରଖାନା ଏବଂ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ, କ୍ଲବ୍ ଆଦି ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା।

# ସ୍ୱାଧୀନତା ଦିବସ ପାଳନ ବେଳେ ୫ ଛାତ୍ରୀ ଅସୁସ୍ଥ

ବେଗୁନିଆ, ୧୬।୮
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ବେଳେ ୫ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ୪ଜଣ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ଜଣେ ଛାତ୍ରୀ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିଲେ। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ରିପୋର୍ଟ ଲେଖାହେବା ବେଳକୁ ସମସ୍ତ ଛାତ୍ରୀ ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି। ଏହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ବ୍ଲକ ପ୍ରଶାସନର ଅବହେଳା ଯୋଗୁ ପିଲାମାନେ ଅସୁସ୍ଥ ହୋଇପଡିଥିଲେ ବୋଲି ଅଭିଭାବକମାନେ କହିଛନ୍ତି।

# ରେଳ ଧାରଣାରେ ଗଛ ପଡ଼ିବାରୁ ଅଢ଼େଇ ଘଣ୍ଟା ଅଟକିଲା ଟ୍ରେନ

ଖୋର୍ଦ୍ଧା/ଟାଙ୍ଗୀ, ୧୬।୮
(ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ)

ଖୋର୍ଦ୍ଧା ଡିଭିଜନ ଅଧୀନ କାଲୁପଡ଼ାଘାଟ ଷ୍ଟେଶନ ନିକଟ ରେଳଧାରଣା ଉପରେ ଏକ ବିଶାଳ ଗଛ ପଡିଯିବାରୁ ରେଳ ଚଳାଚଳ ଦୀର୍ଘ ଅଢେଇ ଘଣ୍ଟା ବ୍ୟାହତ ହୋଇଥିଲା। ଗଛଟି ରେଳ ଧାରଣା ଉପରେ ପଡିଯିବାରୁ ରେଳ ଚଳାଚଳ ପାଇଁ ବ୍ୟବହୃତ ହେଉଥିବା ଉଚ୍ଚ କ୍ଷମତାସମ୍ପର୍ଣ୍ଣ ତାର ଏବଂ ତାର ଖୁଣ୍ଟି କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଟ୍ରେନ ଗୁଡିକ ଯାଇପାରିନଥିଲା। ୪୦ରୁ ଉର୍ଦ୍ଧ୍ୱ ରେଳ କର୍ମଚାରୀ ଗଛ କାଟିବା ଓ ବିଦ୍ୟୁତ ତାରକୁ ମରାମତି କରିବା କାମରେ ନିୟୋଜିତ ହୋଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରିଥିଲେ। ରେଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକୁ ଶୀଘ୍ର ସମ୍ପାଦନ କରାଯିବାରୁ ଅଢେଇ ଘଣ୍ଟା ପରେ ରେଳ ଚଳାଚଳ ହୋଇଥିଲା। ରେଳ ଚଳାଚଳ ଅଢେଇ ଘଣ୍ଟା ବନ୍ଦ ରହିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।



# ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଭାଧାରୀ।

ନିରାକାରପୁର, ୧୬।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ସ୍ୱାଧୀନତା ଦିବସରେ ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲା ବିଜୁ ଜନତା ଦଳର ଉପସଭାପତି ବିପିନ କୁମାର ଜୟସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୃରୁନାଥ ଶର୍ମା, ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ, ନିରାକାରପୁର ନାଏବ ସରପଞ୍ଚ ସ୍ୱପ୍ନେଶ୍ୱର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲ। ଏହି ଅବସରରେ ଅତିଥିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ନିରାକାରପୁର ସରପଞ୍ଚ କାଦମ୍ବିନୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ମନୋଜ କୁମାର ପ୍ରଧାନ, ଦିନେଶ ଜୟସିଂ, ଚିତ୍ତ ରଞ୍ଜନ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ବାଣପୁରକୁ ସବ୍‌ଡିଭିଜନ ମାନ୍ୟତା ଦାବିରେ ଦସ୍ତଖତ ଅଭିଯାନ

ବାଣପୁର, ୧୬।୮ (ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲାର ବାଣପୁରକୁ ସବ୍‌ଡିଭିଜନ ମାନ୍ୟତା ଦାବି ଜୋର ଧରିଛି। ଏନେଇ ଗୁରୁବାର ପଲଟଣ ପଡିଆ ଛାୟାମଣ୍ଡପରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ବାଣପୁରର ସ୍ୱାଭିମାନ ପାଇଁ ବୁଦ୍ଧିଜୀବୀଙ୍କ ସମେତ ବହୁ ସଙ୍ଗଠନ ସାମିଲ ହୋଇଛନ୍ତି। ଏଥିରେ ସର୍ବଦଳୀୟ ସମୂହ ସଙ୍ଗଠନ, ମହିଳା ସଂଘ, ବିଭିନ୍ନ କଲେଜ ସମେତ ସାଧାରଣ ଜନତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆଗକୁ ଏହି ଦସ୍ତଖତ ଅଭିଯାନ ଜାରି ରହିବ ବୋଲି ଗଠିତ ହୋଇଥିବା ବାଣପୁର ସବଡିଭିଜନ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ବାଣପୁରରେ ବିଭିନ୍ନ ସରକାରୀ ଅଫିସ, କୋର୍ଟ, ସବଜେଲ୍, ତହସିଲ ସହ ବିଭିନ୍ନ ଘରୋଇ ସଂସ୍ଥା କରିଛି। ଦୀର୍ଘବର୍ଷ ଧରି ବାଣପୁରକୁ ସବ୍‌ଡିଭିଜନ ମାନ୍ୟତା ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।


ଦସ୍ତଖତ ଅଭିଯାନରେ ସାମିଲ ହୋଇଥିବା ଅଞ୍ଚଳର ବୁଦ୍ଧିଜୀବୀ ଏବଂ ଅନ୍ୟମାନେ।

# ପାଇକ ବିଦ୍ରୋହର କୃଷ୍ଣଚନ୍ଦ୍ର, ୨ୟ ମୁକୁନ୍ଦଦେବ ଅନ୍ୟତମ ବିଧାଣି

ଖୋର୍ଦ୍ଧା, ୧୬।୮ (ପ୍ରଭାତ ପାଣିଗ୍ରାହୀ)

ଗଡ଼ଖୋର୍ଦ୍ଧା ନିକଟ ପଞ୍ଚ ପାଇକ ପୀଠରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅଧ୍ୟାପକ ଗୋପାଳକୃଷ୍ଣ ଦାସ ପତାକା ଉତ୍ତୋଳନ କରି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ବହ୍ନି ପ୍ରଜ୍ୱଳିତ କରିଥିବା ଶହୀଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର, ମାଧବ ଚନ୍ଦ୍ର, କୃତିବାସ ପାଟଶାଣୀଙ୍କ ବୀରତ୍ୱ ସମ୍ପର୍କରେ କହିଥିଲେ। ଏମାନଙ୍କ ସହ ପାଇକ ସୈନ୍ୟଙ୍କ ନେତୃତ୍ୱ ନେଇ ଇଂରେଜମାନଙ୍କ ସହିତ ବୀରତ୍ୱର ସହ ଲଢ଼ି କୃଷ୍ଣଚନ୍ଦ୍ର ଭ୍ରମରବର ଶହୀଦ ହୋଇଥିବା ରାୟ ଅଦ୍ୟାବଧି ଅଜ୍ଞାତ ଓ ଅବହେଳିତ। ଏଥିସହିତ ୧୮୦୪ ରାଜବିଦ୍ରୋହ ଓ ୧୮୧୭ର ପାଇକ ବିଦ୍ରୋହର ସୂତ୍ରଧର ଗଜପତି ଦ୍ୱିତୀୟ ମୁକୁନ୍ଦଦେବ ବାରବାଟୀ ବନ୍ଦୀଶାଳାରେ ଫିରିଙ୍ଗି ଚକ୍ରାନ୍ତରେ ଯୁବାବସ୍ଥାରେ ଅକାଳରେ ମୃତ୍ୟୁବରଣ କରି ଶହୀଦ ହୋଇଥିଲେ । ଏହି ବୀରଦ୍ୱୟଙ୍କ ପ୍ରତିମୂର୍ତ୍ତି ଏଠାରେ ସ୍ଥାପନ ଦ୍ୱାରା ପଞ୍ଚ ପାଇକ ପରିବର୍ତ୍ତେ ସପ୍ତ ମହାବୀର ପୀଠ ଭାବେ ରୂପାନ୍ତରିତ କରିବାକୁ ମୁଖ୍ୟ ଅତିଥି କହିଥିଲେ। ଗଜପତି ରାମଚନ୍ଦ୍ର ଦେବ ଏକାଡ଼େମୀ ଓ ସ୍ଥାନୀୟ ମହାରାଜା କ୍ଲବ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ସର୍ବେଶ୍ୱର ମାର୍ଥା ସଂଯୋଜନା କରିଥିଲେ। ସମାଜସେବୀ ଅନିଲ ପ୍ରଧାନ, ଆଲୋକ ମଲ୍ଲ, ନାରାୟଣ ପ୍ରଧାନ, ରାମନାରାୟଣ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ଦେଶୀ ମଦ, ପୋଚ ଜବତ, ୨ ଗିରଫ

ବେଗୁନିଆ, ୧୬।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଅବକାରୀ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ଓ ପୋଚ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ଉପ ନୀରିକ୍ଷକ ଏନ୍.ଜାଗିନ ରାଓଙ୍କ ସୂଚନା ଅନୁଯାୟୀ, ନାରାୟଣୀପଡା ଗ୍ରାମର ପ୍ରଦୀପ ନାୟକଙ୍କଠାରୁ ୨୩ ଲିଟର, ଶଗଡ଼ଭଙ୍ଗା ଗ୍ରାମର ଛବିଲତା ବିଶାଳଙ୍କଠାରୁ ୧୪ ଲିଟର ଦେଶୀ ମଦ ଜବତ କରାଯାଇ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଗୌଡ଼ିଆପଡ଼ା ଜଙ୍ଗଲରେ ୧୨ ଶହ ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୧୮୦ଲିଟର ଦେଶୀ ମଦ ସହ ଆବଶ୍ୟକ ମଦ ପ୍ରସ୍ତୁତ ସାମଗ୍ରୀ ଜବତ ହୋଇଛି।

# ଜୀବେ ନିଷ୍ଠୁରତା ନିରୋଧ ସମିତିରେ ଅଚଳାବସ୍ଥା

ଭୁବନେଶ୍ୱର, ୧୬।୮ (ବନ୍ଦନା ସେଠୀ)

**ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲା ସମିତି**
■ଶେଷ ମୁହୂର୍ତ୍ତରେ ବାତିଲ୍ ହେଲା ବୈଠକ

୩ବର୍ଷ ପରେ ଅଗଷ୍ଟ ୧୩ରେ ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ଜୀବେ ନିଷ୍ଠୁରତା ନିରୋଧ ସମିତି(ଏସ୍‌ପିସିଏ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବା ନେଇ ନିର୍ଦ୍ଧାରିତ ହୋଇଥିଲା। ଏଥିରେ ଏସ୍‌ପିସିଏର ସଭାପତି ତଥା ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିବାକୁ ସ୍ଥିର ହୋଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ କୌଣସି କାରଣ ନ ଦର୍ଶାଇ ବୈଠକକୁ ହଠାତ୍ ବାତିଲ୍ କରାଯାଇ ଥିବାରୁ ସମିତି ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ଘଟଣା ନେଇ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମେଲ୍ ଓ ପତ୍ର ଯୋଗେ ଅଭିଯୋଗ କରାଯାଇଛି। ସମିତିର ବହୁ ସ୍ଥାୟୀ ସଦସ୍ୟ ଜାନୁଆରୀରୁ ସଭାପତି ତଥା ଜିଲାପାଳଙ୍କୁ ସାକ୍ଷାତ କରିବା ସହ ଜିଲାରେ ବିପର୍ଯ୍ୟସ୍ତ ହୋଇପଡିଥିବା ପ୍ରାଣୀ କଲ୍ୟାଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଏଥିସହ ଚରମ ସୀମାରେ ପହଞ୍ଚିଥିବା ଜୀବେ ନିଷ୍ଠୁରତା ପ୍ରତିରୋଧ ପାଇଁ ଅପିଲ କରିଥିଲେ। ଜିଲାପାଳ ଜୁନ୍‌ରୁ ବାରମ୍ବାର ତାରିଖ ଘୁଞ୍ଚାଇବା ପରେ ପୁନର୍ବାର ଅଗଷ୍ଟ ୧୩ରେ ବୈଠକ ପାଇଁ ତାରିଖ ଧାର୍ଯ୍ୟ କରିଥିଲେ। ତେବେ ବୈଠକ ବାତିଲ କରିବା ପ୍ରାଣୀ କଲ୍ୟାଣ ଓ ନିଷ୍ଠୁରତା ପ୍ରତି ଉପହାସ ବୋଲି ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ସମିତିର କାର୍ଯ୍ୟଧାରା ଓ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଉପରେ ଅସନ୍ତୋଷ ପ୍ରକାଶ କରି ପରିଚାଳନା କମିଟିର ସଦସ୍ୟ ସନ୍ତୋଷ ଦାସ, ଡା. ତ୍ରୈଲୋକ୍ୟ ନାଥ ମହାରଣା ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ରାଜ୍ୟରେ ପ୍ରାଣୀ ନିଷ୍ଠୁରତା ନିରୋଧ ପାଇଁ ଅହରହ କାର୍ଯ୍ୟ କରୁଥିବା ଏସ୍‌ପିସିଏ ସଦସ୍ୟଙ୍କୁ ୨୦୦୭ରୁ କେବଳ ମନି ରସିଦ ଧରାଇ ଦିଆଯାଇଛି। ଦୀର୍ଘବର୍ଷ ଧରି ପରିଚୟ ପତ୍ର ପ୍ରଦାନ କରାଯାଇ ନ ଥିବାରୁ ବିଭିନ୍ନ ସ୍ଥାନରେ ପ୍ରାଣୀମାନଙ୍କ ପାଇଁ ଲଢେଇ କରୁଥିବା ଏସ୍‌ପିସିଏ ସଦସ୍ୟ ସରକାରୀ ସ୍ତରରେ ପୋଲିସ ଷ୍ଟେଶନ ଓ କୋର୍ଟରେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏନ୍‌ଫୋର୍ସମେଣ୍ଟ ପାଇଁ ପୂର୍ବରୁ ଜଣେ ଇନ୍ସପେକ୍ଟର ଥିବାବେଳେ ତାହା ଯଥେଷ୍ଟ ହେଉନାହିଁ। ବୈଠକରେ ଏ ସମସ୍ତ ଦିଗ ଉପରେ ଆଲୋଚନା ହେବାର ଥିଲା।

୨୦୨୧ ଡିସେମ୍ବର ୯ରେ ଶେଷ ଏସ୍‌ପିସିଏ ବୈଠକ ଅନୁଷ୍ଠିତ ହୋଇଥିଲା। ତତ୍କାଳୀନ ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ ମହାପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଓ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ପ୍ରାଣୀଙ୍କ ପ୍ରତି ବଢୁଥିବା ଅପରାଧ ଶୀର୍ଷରେ ଥିବା ଯୋଗୁ ପ୍ରତେକ ୩ମାସରେ ବୈଠକ ଡକାଇ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ୩ବର୍ଷ ବିତି ଯାଇଥିବାବେଳେ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ।

# 'ଅସ୍ମିତାର ପୁନରୁଦ୍ଧାର, ସୁରକ୍ଷା ପାଇଁ ୨୦୦ କୋଟି ବ୍ୟବସ୍ଥା'

କଟକ,୧୬/୮ (କାର୍ତ୍ତିକ ସାହୁ)



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ସ୍ୱାଧୀନତା ହେଉଛି ସହଯୋଗ, ଶାନ୍ତି, ପ୍ରଗତି ଓ ସହାବସ୍ଥାନର ଅର୍ଥପୂର୍ଣ୍ଣ ପରିବେଶ। ସଂପ୍ରୀତି ଓ ସଦ୍‌ଭାବନାକୁ ଅକ୍ଷୁଣ୍ଣ ରଖି ତୃଣମୂଳ ସ୍ତରରୁ ଆରମ୍ଭ କରି ସମାଜର ପ୍ରତ୍ୟେକ ବର୍ଗର ଉନ୍ନତି ପାଇଁ ଚିନ୍ତା କରିବା ଓ କାର୍ଯ୍ୟ କରିବା ହେଉଛି ସ୍ୱାଧୀନତାର ଯଥାର୍ଥତା। ସ୍ୱାଧୀନତା ଦିବସ ଆତ୍ମୋତ୍ସର୍ଗ, ଆତ୍ମସମୀକ୍ଷା ଓ ନବନିର୍ମାଣ ସଙ୍କଳ୍ପର ଦିବସ। କଟକ ବାରବାଟୀ ଷ୍ଟାଡିୟମରେ ଗୁରୁବାର ଆୟୋଜିତ ଜିଲାସ୍ତରୀୟ ୭୮ତମ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜାତୀୟ ପତାକା ଉତ୍ତୋଳନ କରି ଏହା କହିଛନ୍ତି।

ଏଥିସହ ସେ ଆହୁରି କହିଛନ୍ତି, ଓଡ଼ିଶା ଅସ୍ମିତାର ପୁନରୁଦ୍ଧାର ଓ ସୁରକ୍ଷା ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହା ଅଧୀନରେ ପାଇକ ବିଦ୍ରୋହ ସ୍ମାରକୀ ଉନ୍ନତୀକରଣ, ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ପାଇଁ ପ୍ରୟାସ, ଜାତୀୟ ଓ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା, ଜିଲାସ୍ତରୀୟ ଇ-ଗ୍ରନ୍ଥାଳୟ ପ୍ରତିଷ୍ଠା ଭଳି ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯିବା ସହ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦନ କରିବାର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉଛି। ରାଜ୍ୟ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଥିବା ପ୍ରଶାସନିକ ଦୂରତ୍ୱ ହ୍ରାସ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟକ୍ଷମ କରାଯିବା ସହ ଜିଲା, ଉପଖଣ୍ଡ ଓ ବ୍ଲକ୍‌ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ଓ ତତ୍କାଳ ସମାଧାନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୪-୨୫ ବଜେଟରେ ମହିଳା ସଶକ୍ତୀକରଣ ଓ ପର୍ଯ୍ୟଟନକୁ ପ୍ରାଧାନ୍ୟ ଦେଇ ବହୁ ଯୋଜନା ଉପସ୍ଥାପିତ ହୋଇଛି। ସବୁ ଜିଲାରେ ମିଶନ୍ ଶକ୍ତି ବଜାରକୁ ବିକଶିତ କରି କୁଟୀର ଶିଳ୍ପର ଉନ୍ନତି ନିମନ୍ତେ ଅର୍ଥ ମଞ୍ଜୁର କରାଯାଇଛି। ଓଡ଼ିଶାର ମନ୍ଦିର, କଳା, ସ୍ଥାପତ୍ୟ, ଅଭୟାରଣ୍ୟ, ବେଳାଭୂମି ଆଦି ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରି ଓଡ଼ିଶାକୁ ଦେଶର ଅଗ୍ରଣୀ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ କେନ୍ଦ୍ର ବଜେଟରେ ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ସୁଦୀର୍ଘ ୪୮୦ କିମି ଉପକୂଳବର୍ତ୍ତୀ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ରାଜ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ମାନସିକ ଆରୋଗ୍ୟ କେନ୍ଦ୍ର ଓ ଯୋଗକେନ୍ଦ୍ର ପ୍ରତିଷ୍ଠା କରିବା ଯୋଜନା ରହିଛି ବୋଲି ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏଥର ପରେଡ୍‌ରେ ୪୨ଟି ଟ୍ରୁପ୍ ଅଂଶଗ୍ରହଣ କରିଥିଲେ। ପରେଡ୍ କମାଣ୍ଡର ଭାବେ ସହକାରୀ ପୋଲିସ କମିଶନର ବିଷ୍ଣୁ ପ୍ରସାଦ ମିଶ୍ର ପରେଡ୍ ପରିଚାଳନା କରିଥିଲେ।

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ**

ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଶଙ୍କର୍ଷଣ ପଟ୍ଟନାୟକ, ବିପ୍ଳବିନୀ ସରଳା ଦେବୀ, ଉତ୍କଳ ଭଗୀରଥ ଭାଗୀରଥି ମହାପାତ୍ର, ବିନୋଦ କାନୁନ୍‌ଗୋ, ସ୍ୱାଧୀନତା ସଂଗ୍ରାମୀ ମୁରଲୀଧର କାନୁନ୍‌ଗୋ ଓ ହାରାମଣି ଦେବୀଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପଦ୍ମଭୂଷଣ ଡ. ପ୍ରତିଭା ରାୟ, ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଓ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ଶ୍ରେଷ୍ଠ ଛାତ୍ରୀଛାତ୍ର, ଶିକ୍ଷକ, ପୋଲିସ, ଅଗ୍ନିଶମ ସେବା, ବନ ବିଭାଗ, ସ୍ୱଚ୍ଛତା କର୍ମଚାରୀ ଓ ଜନସେବାରେ ନିୟୋଜିତ ବ୍ୟକ୍ତି, ଅନୁଷ୍ଠାନ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ୧୮ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ପ୍ରକାଶ ଆର୍.ଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ରାମଧୂନ୍ ପରିବେଷଣ କରାଯାଇଥିଲା। ଜିଲାପାଳ ଶିନ୍ଦେ ସହରରେ ଅବସ୍ଥାପିତ ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଉତ୍କଳ ବାଳାଶ୍ରମରେ ପତାକା ଉତ୍ତୋଳନ କରିଥିଲେ। ସନ୍ଧ୍ୟାରେ କଳାବିକାଶ କେନ୍ଦ୍ରଠାରେ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଶିବ ଟପୋ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଣ୍ଠଶିଳ୍ପୀ ଟି. ସୌରୀ, ସୁଧାକର ମିଶ୍ର, ସହକାରୀ ପୋଲିସ ଆୟୁକ୍ତ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଦେଶାତ୍ମବୋଧକ ଗୀତ ଗାଇଥିଲେ।

# ଟ୍ରକ୍ ଧକ୍କାରେ ଯୁବକ ମୃତ

କଟକ ସଦର,୧୬/୮ (ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ରାସ୍ତାର ନାହାଭଙ୍ଗା (ଡିଆଁରାଜହଂସ) ନିକଟରେ ଗୁରୁବାର ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳର କେଦାର ଦଳେଇ। କନ୍ଦରପୁର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଉକ୍ତ ଟ୍ରକ୍(ନଂ. ଓଡ଼ି୦୫ଏକେ-୪୬୫୬) ପାରାଦୀପ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ବାଇକ୍(ନଂ.ଓଆର୍୧୫ପି-୧୫୮୭)ରେ ଆସୁଥିବା କେଦାରଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ନାହାଭଙ୍ଗାଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଓଏମ୍‌ପି ଛକଠାରୁ ସିଦ୍ଧେଶ୍ୱରପୁର ମଧ୍ୟରେ ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ପାର୍କିଂ ଯୋଗୁ ଗାଡ଼ି ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏଥିଯୋଗୁ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ କାମ ଆରମ୍ଭ ହୋଇଥିଲେ ସୁଦ୍ଧା କଟକ ପଟେ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ଅଦ୍ୟାବଧି ହୋଇନାହିଁ। ତେଣୁ ଦୁର୍ଘଟଣା ରୋକିବାକୁ ହେଲେ ଉଚ୍ଛେଦ କରିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଜନସାଧାରଣ ମତବ୍ୟକ୍ତ କରିଛନ୍ତି। କନ୍ଦରପୁର ଥାନା ଅଧିକାରୀ ରାଧାମୋହନ ସାହୁ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।



କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ନ୍ୟାୟ ପ୍ରଦାନ ଦାବିରେ ଶୁକ୍ରବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ମଙ୍ଗୁଳି-ଜଗତପୁର,୧୬/୮ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଇନ୍ଦ୍ରାଣୀପଟଣା ପଞ୍ଚାୟତରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଇନ୍ଦ୍ରାଣୀପାଟଣା ମଣ୍ଡଳର ପୂର୍ବତନ ସଭାପତି ରମେଶ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋଭାଯାତ୍ରାରେ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶୋଭାଯାତ୍ରା କୟଳପଡା ବଜାରରୁ ବାହାରି ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ଗାନ୍ଧିଜୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ଏଥିରେ ଓବିସି ରାଜ୍ୟ ସାଧାରଣ ସମ୍ପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁ, ଦୁଷ୍ମନ୍ତ ନାୟକ, ସନ୍ତୋଷ ମହାପାତ୍ର, ଅଜୟ ସ୍ୱାଇଁ, ପ୍ରକାଶ ସାହୁ, ଅର୍ଜୁଣ ଲାଙ୍ଗୁଡ଼ି, ମଧୁସୂଦନ ନାୟକ, ଭାଗୀରଥି ବେଉରା, ଅମିୟ ମଲ୍ଲିକ, ଅଲେଖ ଦାସଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ରକ୍ତଦାନ ଶିବିର

କଟକ,୧୬/୮ (କାର୍ତ୍ତିକ ସାହୁ)

ସ୍ୱାଧୀନତା ଦିବସ ଅବସରରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ସମିତି ଓ ସିଏମ୍‌ସିର ମିଳିତ ସହାୟତାରେ ଏହି ଶିବିର ଆୟୋଜିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରୋହିଙ୍ଗ୍ୟା ବାଂଲାଦେଶୀଙ୍କୁ ହଟାଇବା ପାଇଁ ଦାବିପତ୍ର

କଟକ ସଦର,୧୬/୮ (ସୁଶାନ୍ତ କୁମାର ଜେନା)

କନ୍ଦରପୁର ଥାନା ଅଞ୍ଚଳରୁ ରୋହିଙ୍ଗ୍ୟା ବାଂଲାଦେଶୀଙ୍କୁ ହଟାଇବା ପାଇଁ ଭାଜପା ପକ୍ଷରୁ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କନ୍ଦରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ଭୋଇ, ବରିଷ୍ଠ ନେତା ଗୋକୁଳ ଚନ୍ଦ୍ର ପ୍ରଧାନ, ପୀୟୂଷ ରଞ୍ଜନ ପରିଡ଼ା, ମନୋଜ କୁମାର ମୁଦୁଲି, ଦାଶରଥି ପ୍ରସାଦ ଚୌଧୁରୀ, ସତ୍ୟବାନ ସାହୁ, ଚନ୍ଦ୍ରଶେଖର ମଲ୍ଲିକ, ଅରୁଣ ରାଉତ, ସଞ୍ଜୟ ସାହୁ ଓ ଅମିତା କର ପ୍ରମୁଖ ଥାନା ଅଧିକାରୀ ରାଧାକାନ୍ତ ସାହୁଙ୍କୁ ଦାବିପତ୍ର ପ୍ରଦାନ କରି ବିଭିନ୍ନ ସ୍ଥାନରେ ଫେରିବାଲା ପରିଚୟ ଦେଇ ରହିଥିବା ଲୋକଙ୍କୁ ତଡିବା ପାଇଁ ଦାବି କରିଥିଲେ। ପରେ ଥାନା ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

# ଆନ୍ଦୋଳନ ପାଇଁ ଏସ୍‌ସିବିରେ ଅଚଳାବସ୍ଥା



କଟକସ୍ଥିତ ଶାନ୍ତି ସୁପର ସ୍ପେଶାଲିଟି ହସ୍ପିଟାଲର ଡାକ୍ତରମାନେ ଶୁକ୍ରବାର ହସ୍ପିଟାଲ ନିକଟରୁ ମହମବତି ଶୋଭାଯାତ୍ରାରେ ବାହାରିଛନ୍ତି।

କଟକ,୧୬/୮ (ଶିଳ୍ପା ପ୍ରିୟଦର୍ଶିନୀ)

**କୋଲକାତାରେ ଡାକ୍ତରଙ୍କୁ ବଳାତ୍କାର, ହତ୍ୟା ଘଟଣା**

- ଜରୁରିକାଳୀନ ସେବା ବ୍ୟତୀତ ଅନ୍ୟ କାର୍ଯ୍ୟ ବନ୍ଦ କଲା ଡାକ୍ତରୀ ସଂଘ
- ଅତି ଜରୁରୀ ନ ଥିଲେ ଏସ୍‌ସିବି ଆସନ୍ତୁ ନାହିଁ: ସୁପରିଣ୍ଟେଣ୍ଡେଣ୍ଟ

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ନେଇ ତେଜିଥିବା ଆନ୍ଦୋଳନକୁ ସହମତି ଦେଇଥିବାବେଳେ ଆନ୍ଦୋଳନ କରୁଥିବା ଡାକ୍ତରଙ୍କୁ ଆକ୍ରମଣ କରିବା ଘଟଣାରେ ଏସ୍‌ସିବି ମେଡିକାଲର ଜୁନିୟର ଡାକ୍ତର ସଂଘ ପକ୍ଷରୁ ଗୁରୁବାରଠାରୁ ଜରୁରିକାଳୀନ ସେବା ବ୍ୟତୀତ ଅନ୍ୟ କାର୍ଯ୍ୟ ବନ୍ଦ କରାଯାଇଛି। ଏହାକୁ ହାଉସ୍ ସର୍ଜନ ଡାକ୍ତରୀ ସଂଘ ଓ ଡାକ୍ତରୀ ଛାତ୍ର ସଂଘ ସହମତି ପ୍ରକାଶ କରିଛି। ପୂର୍ବରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଥିଲେ। ହେଲେ ବିଭିନ୍ନ ଦାବି ପୂରଣ ନ ହେବାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛି ବିଭିନ୍ନ ଡାକ୍ତରୀ ସଂଘ। ଏହାସହ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଉକ୍ତ ଘଟଣା ପାଇଁ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ ନିମନ୍ତେ ସମସ୍ତ ସଂଘ ପକ୍ଷରୁ ନୋଟିସ ଜାରି କରାଯାଇଛି। ଆନ୍ଦୋଳନ ଯୋଗୁ ଏସ୍‌ସିବି ମେଡିକାଲରେ ରୋଗୀ ସେବାରେ ଅଚଳାବସ୍ଥା ଦେଖାଦେଇଛି।

ଅପରପକ୍ଷରେ ଶୁକ୍ରବାର ସନ୍ଧ୍ୟାରେ ଏସ୍‌ସିବି ମେଡିକାଲର ମଙ୍ଗଳାବାଗ ଫାଟକ ସମ୍ମୁଖରୁ ଜୁନିୟର ଡାକ୍ତର ଆସୋସିଏଶନ ପକ୍ଷରୁ ଶତାଧିକ ଡାକ୍ତରୀ ଛାତ୍ରୀଛାତ୍ର ଓ ଡାକ୍ତର ଆନ୍ଦୋଳନ କରିଥିଲେ। ଏନେଇ ଜୁନିୟର ଡାକ୍ତର ଆସୋସିଏଶନ ସଭାପତି ଡା. ସୁବ୍ରତ କୁମାର ସାହୁ କହିଛନ୍ତି, ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ଡାକ୍ତରମାନେ ଦିନରାତି କାମ କରୁଛନ୍ତି। ହେଲେ ଡାକ୍ତର ସମ୍ପୂର୍ଣ୍ଣ ଅସୁରକ୍ଷିତ। ନ୍ୟାୟ ପାଇଁ ଦାବି କଲେ ଆକ୍ରମଣର ଶିକାର ହେଉଛନ୍ତି। ଏସ୍‌ସିବିରେ ଜରୁରିକାଳୀନ ସେବା ଜାରି ରଖିଛୁ। ଦାବି ପୂରଣ ପାଇଁ ଶୋଭାଯାତ୍ରା କରିଛୁ। ଏହାସତ୍ତ୍ୱେ ଦାବି ପୂରଣ ନ ହେଲେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ ବନ୍ଦ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଉକ୍ତ ଘଟଣାକୁ ନେଇ ବଜ୍ରକବାଟୀ ଫ୍ରେଣ୍ଡସ୍ କଲୋନୀସ୍ଥିତ ଶାନ୍ତି ସୁପର ସ୍ପେଶାଲିଟି ହସ୍ପିଟାଲର ଡାକ୍ତରମାନେ ଶୁକ୍ରବାର ମହମବତି ଶୋଭାଯାତ୍ରା କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଛନ୍ତି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ନାବାଳିକା ଅପହରଣ, ବଳାତ୍କାର ମାମଲା**

କଟକ,୧୬/୮ (କାର୍ତ୍ତିକ ସାହୁ)

ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ କଟକ ଆଡ୍‌ହକ୍ ଆଡିଶିନାଲ୍ ଡିଷ୍ଟ୍ରିକ୍ଟ ଆଣ୍ଡ୍ ସେସନ୍‌ସ ଜଜ୍ (ଫାଷ୍ଟ ଟ୍ରାକ୍ କୋର୍ଟ-୧) ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ଦଣ୍ଡିଆଝର ଅଞ୍ଚଳର ସୁର କାଡ଼ା। ସୂଚନା ଅନୁସାରେ, ୨୦୧୮ ମେ' ୩୧ରେ ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିଲେ। ଏନେଇ ଖୁଣ୍ଟୁଣୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିସହ ୨୦୧୮ ଅଗଷ୍ଟ ୩୦ରେ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। କଟକ ଆଡ୍‌ହକ୍ ଆଡିଶିନାଲ୍ ଡିଷ୍ଟ୍ରିକ୍ଟ ଆଣ୍ଡ୍ ସେସନ୍‌ସ ଜଜ୍ (ଫାଷ୍ଟ ଟ୍ରାକ୍ କୋର୍ଟ-୧)ରେ ମାମଲାର ଶୁଣାଣି ଚାଲିଥିଲା। କୋର୍ଟ ମାମଲାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ।

# ଦଳୀୟ ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

ଖୁଣ୍ଟୁଣୀ,୧୬/୮ (ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ନିର୍ବାଚନମଣ୍ଡଳୀର ୨ନଂ. ଜୋନ୍ ନବେଢ଼ାର ଗୋବରାଠାରେ ବିଜେଡି ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଠଗଡ଼ ନବେଢ଼ା ବିଜେଡି ମୁଖପାତ୍ର ସୁଜିତ କୁମାର ଜେନାଙ୍କ ଦ୍ୱାରା ଆୟୋଜିତ ବନ୍ଧୁମିଳନରେ ଗୋବରା ପଞ୍ଚାୟତ ବିଜେଡି ସଭାପତି ରାଜକିଶୋର ରାଉତ ସଭାପତିତ୍ୱ କରିଥିଲେ। ଏହି ବନ୍ଧୁମିଳନ ନାମକୁ ମାତ୍ର ଥିବାବେଳେ ଏହାକୁ ଆଳକରି ରଣେନ୍ଦ୍ର ନବେଢ଼ାର ସମସ୍ତ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧି ତଥା ଦଳୀୟ କର୍ମୀଙ୍କୁ ନେଇ ଗତ ନିର୍ବାଚନରେ ଏକ ସମୀକ୍ଷା ବୈଠକ କରିଥିବା ଚର୍ଚ୍ଚା ହେଉଛି। ବିଭିନ୍ନ ପଞ୍ଚାୟତରୁ ଆସିଥିବା କର୍ମୀମାନେ ଭାଷଣ ମାଧ୍ୟମରେ ନିଜ ଅଞ୍ଚଳର ଦଳୀୟ କର୍ମୀ ଓ ଛାମୁଆ ନେତାଙ୍କ ବିରୋଧରେ କହିଥିଲେ। ହେଲେ ରଣେନ୍ଦ୍ର ଦ୍ୱିନାବରେ ଗୋଡ଼ ଦେଇଥିବା କର୍ମୀଙ୍କ ଉପରେ ବର୍ଷିଥିଲେ। ଏଥିସହ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ଆହୁରି ସୁଦୃଢ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଭାଜପା ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାରେ ଟାଳଟୁଳ ନୀତି ଆପଣାଇଛି। ନବୀନବାବୁ ଓଡ଼ିଶାର ପ୍ରତି ଗ୍ରାମକୁ ଭାଜପା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଡାକରା ଦେଇଛନ୍ତି। ଆମେ ବିପୁଳ ସଂଖ୍ୟାରେ ସାମିଲ ହୋଇ ଏହାକୁ ସଫଳ କରିବା। ଜୀବନର ଶେଷ ନିଃଶ୍ୱାସ ଥିବାଯାଏ ଆଠଗଡ଼ବାସୀଙ୍କ ସେବା କରିବି ବୋଲି ରଣେନ୍ଦ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋବରା ସରପଞ୍ଚ ଦୀପ୍ତିମୟୀ ଥାଟୋଇ, ଓରନ୍ଦା ସରପଞ୍ଚଙ୍କ ପ୍ରତିନିଧି ରାଜୀବ ଲୋଚନ ଦାସ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଦୀପ ବିଶ୍ୱାଳ, କେଶବ ଦଳେଇ, ଜିଲା ବିଜେଡି ସମ୍ପାଦକ ପ୍ରଦୀପ କୁମାର ଦାସ, ରାଧାକିଶୋରପୁର ସରପଞ୍ଚ ବିନୋଦ କୁମାର ମାଝି, ନୃସିଂହ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ମହିଳା ଗୋଷ୍ଠୀ ଓ କର୍ମୀମାନେ ଉପସ୍ଥିତ ଥିଲେ।

# ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷାଫଳ ପ୍ରକାଶ

ବାଙ୍କୀ,୧୬/୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରିଥିଲେ। ଶିକ୍ଷା ବିଭାଗରେ ୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତେ ପ୍ରଥମ ଶ୍ରେଣୀରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କ୍ଷୀତିଜା ଶତପଥୀ ଶ୍ରେଷ୍ଠସ୍ଥାନ ଅଧିକାର କରିଥିଲେ। ଇଂଲିଶ୍‌ରେ ୫ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ପ୍ରଥମ ଶ୍ରେଣୀରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ଭାଗ୍ୟଶ୍ରୀ ମହାପାତ୍ର ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି। ଗୃହ ବିଜ୍ଞାନ ବିଭାଗରେ ୫ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୪ଜଣ ପ୍ରଥମ ଶ୍ରେଣୀରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ପୁଷ୍ପଲତା ପଣ୍ଡା ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ମନୋବିଜ୍ଞାନ ବିଭାଗରେ ୭ଜଣ ପରୀକ୍ଷା ଦେଇଥିବା ବେଳେ ୨ଜଣ ପ୍ରଥମ ଶ୍ରେଣୀରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ରଞ୍ଜନ ବେହେରା ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି। ସଂସ୍କୃତ ବିଷୟରେ ପରୀକ୍ଷା ଦେଇଥିବା ୧୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ରଶ୍ମିତା ନାୟକ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି। ପ୍ରାଣୀ ବିଜ୍ଞାନ ବିଭାଗରେ ୧୫ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ନିଲମ ସାହୁ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟରେ ୧୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୮ଜଣ ପ୍ରଥମ ଶ୍ରେଣୀରେ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ସୁଭଦ୍ରା ବାରିକ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି। ପରୀକ୍ଷାଫଳ ପ୍ରକାଶ ସମୟରେ ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଡ. ନିବାସିନୀ ପଣ୍ଡା, ଯୁକ୍ତ୨ ଅଧ୍ୟକ୍ଷ ସମୀର କୁମାର ମହାପାତ୍ର, ଉପପରୀକ୍ଷା ନିୟନ୍ତ୍ରକ ଅର୍ପିତା ଅପରାଜିତା, ସହକାରୀ ପରୀକ୍ଷା ନିୟନ୍ତ୍ରକ କୁମୁଦରଞ୍ଜନ ମହାରଣା, ପ୍ରଶାସନିକ ଅଧିକାରୀ ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ଚିନ୍ମୟ ଚିତ୍ତରଞ୍ଜନ, ଭୂପତି ଭୂଷଣ ପ୍ରଧାନ, ଅଧ୍ୟାପକ ଚିନ୍ମୟ ତ୍ରିପାଠୀ, ଅଧ୍ୟାପକ ରାକେଶ ନାୟକ, କର୍ମଚାରୀ ଚିତ୍ରସେନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅସୁରକ୍ଷିତ ରେଭେନ୍‌ଶା କ୍ୟାମ୍ପସ

କଟକ,୧୬/୮ (କାର୍ତ୍ତିକ ସାହୁ)



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଶିକ୍ଷକ-କର୍ମଚାରୀମାନେ ଶୋଭାଯାତ୍ରା କରି ପ୍ରତିବାଦ କରୁଛନ୍ତି।

- ଅଣଛାତ୍ରଙ୍କ ଅବାଧ ପ୍ରବେଶ
- ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା
- ଶୋଭାଯାତ୍ରାରେ ପ୍ରତିବାଦ ଜଣାଇଲେ ଶିକ୍ଷକ-କର୍ମଚାରୀ

ରାଜ୍ୟର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ଅସୁରକ୍ଷିତ ହୋଇପଡିଛି। ଛାତ୍ରୀଛାତ୍ର, କର୍ମଚାରୀ ଓ ତାଙ୍କ ପରିବାରକୁ ସୁରକ୍ଷିତ ରଖିବା ଦାୟିତ୍ୱ ବିଶ୍ୱବିଦ୍ୟାଳୟ ପ୍ରଶାସନର। ମାତ୍ର ବାରମ୍ବାର ଅନୁରୋଧ ସତ୍ତ୍ୱେ ରେଭେନ୍‌ଶା କ୍ୟାମ୍ପସ୍‌ରେ ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦିଆଯାଉନାହିଁ। ଫଳରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀବୃନ୍ଦ ଶୋଭାଯାତ୍ରା ଜରିଆରେ ଶୁକ୍ରବାର ସେମାନଙ୍କର ପ୍ରତିବାଦ ଜଣାଇଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ(ରୁଟା) ନେତୃତ୍ୱରେ ଶିକ୍ଷକ ଓ କର୍ମଚାରୀମାନେ ବିରାଟ ଶୋଭାଯାତ୍ରା କ୍ୟାମ୍ପସ ପରିକ୍ରମା କରିଛନ୍ତି। ଶେଷରେ କୁଳପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଙ୍କ କାର୍ଯ୍ୟାଳୟରେ ଦିଆଯାଇଥିବା ଜଣାପଡିଛି।

ରେଭେନ୍‌ଶା କ୍ୟାମ୍ପସରେ ପ୍ରାୟ ସମୟରେ ବାହାର ଲୋକ ଓ ଅଣଛାତ୍ର ପ୍ରବେଶ କରି ଗଣ୍ଡଗୋଳ କରୁଛନ୍ତି। ହଷ୍ଟେଲରେ ମାଡ଼ଗୋଳ, ଜବରଦସ୍ତି ହଷ୍ଟେଲ ରୁମ୍ ଅକ୍ତିଆର କରିବା, ଅଫିସ୍‌ରେ ଗଣ୍ଡଗୋଳ, ବାରଣ୍ଡା ଓ ଖେଳ ପଡ଼ିଆରେ ବସି ମଦ ପିଇବା, ବ୍ରାଉନ୍‌ସୁଗାର ଖାଇବା ଓ ବିକ୍ରି କରିବା ସାଧାରଣ କଥା ହୋଇଗଲାଣି। ଗତ ୩ ବର୍ଷରେ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବଢ଼ିଛି। ଏହାକୁ ରୋକିବା ଦିଗରେ କୁଳପତି ଓ କୁଳସଚିବଙ୍କୁ ଅନେକ ଥର ପରାମର୍ଶ ଦିଆଯାଇଛି। ହେଲେ କୌଣସି ସୁଫଳ ମିଳିପାରି ନାହିଁ। ଅପରପକ୍ଷରେ ବାର୍ଷିକ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରି ରେଭେନ୍‌ଶା କର୍ତ୍ତୃପକ୍ଷ ଘରୋଇ ସିକ୍ୟୁରିଟି ସଂସ୍ଥା ନିଯୁକ୍ତ କରିଛନ୍ତି। ୭୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲାଗିଛି। ବିଶ୍ୱବିଦ୍ୟାଳୟ ଚତୁଃପାର୍ଶ୍ୱରେ ସୁଦୃଢ଼ ପାଚେରି ରହିଛି। ଏହାସତ୍ତ୍ୱେ କ୍ୟାମ୍ପସକୁ ବାହାର ଲୋକ, ଅଣଛାତ୍ରଙ୍କର ଅବାଧ ପ୍ରବେଶ ରହିଛି। ସନ୍ଧ୍ୟା ପରେ ବିଶ୍ୱବିଦ୍ୟାଳୟ କାଫେଟେରିଆ ପାଖରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। କ୍ୟାମ୍ପସରେ ଥିବା ୧୩ଟି ହଷ୍ଟେଲରେ ହାରାହାରି ୩୦୦୦ ଛାତ୍ରୀଛାତ୍ର ରହୁଛନ୍ତି। ସେହିପରି ୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ କ୍ୟାମ୍ପସ୍‌ରେ ଥିବା କ୍ୱାର୍ଟର୍ସରେ ରହୁଛନ୍ତି। ଏହାବାଦ୍ ଯୁକ୍ତ ୨ କଲେଜର ଛାତ୍ରାବାସରେ ମଧ୍ୟ ଛାତ୍ରୀଛାତ୍ର ରହୁଛନ୍ତି। ହେଲେ ସନ୍ଧ୍ୟା ପରେ କ୍ୟାମ୍ପସ ରାସ୍ତାରେ ଯିବାକୁ ସେମାନେ ଭୟ କରୁଛନ୍ତି। ନରାଜ ପାଖରେ ଅବସ୍ଥିତ ରେଭେନ୍‌ଶା ଦ୍ୱିତୀୟ କ୍ୟାମ୍ପସର ସୁରକ୍ଷା ବ୍ୟବସ୍ଥା ଆହୁରି ଶୋଚନୀୟ। ୭୦ ଜଣ ଝିଅ ଗୋଟିଏ ହଷ୍ଟେଲରେ ଅଛନ୍ତି। ଜଣେ ମହିଳା ସିକ୍ୟୁରିଟି ଗାର୍ଡ ଓ ୪ ଜଣ ପୁରୁଷ ଗାର୍ଡଙ୍କୁ ନେଇ ସେଠାରେ ଦୁଇଟି ବିଭାଗ ଓ ଗୋଟିଏ ଛାତ୍ରୀ ହଷ୍ଟେଲ ଚାଲିଛି। ସେ ଅଞ୍ଚଳରେ କେତେବେଳେ କିଛି ବି ଅଘଟଣ ଘଟିଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ରୁଟା ସଭାପତି ପ୍ରଫେସର ଧର୍ମବ୍ରତ ମହାପାତ୍ର କହିଛନ୍ତି, କୋଲକାତା ଘଟଣା ଭଳି ଯଦି କିଛି ଏଠି ଘଟିଯାଏ, ଆମେ ଆଶ୍ଚର୍ଯ୍ୟ ହେବୁ ନାହିଁ। ଦୁର୍ଘଟଣା ଘଟିଯିବା ପରେ ମହମବତି ଶୋଭାଯାତ୍ରା ଅପେକ୍ଷା କ୍ୟାମ୍ପସ ସୁରକ୍ଷାକୁ ଦୃଢ଼ କରାଯିବା ଅଧିକ ବୁଦ୍ଧିମାନର କାର୍ଯ୍ୟ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ କହିଛନ୍ତି, ଅସୁସ୍ଥତା ହେତୁ ଅନୁପସ୍ଥିତ ଥିଲି। ଶିକ୍ଷକ, କର୍ମଚାରୀମାନେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଶୋଭାଯାତ୍ରା କରିଥିବା ଅବଗତ ଅଛି। ତେବେ ଏ ଦାୟିତ୍ୱରେ କୁଳସଚିବ ଥିବାରୁ ସେ କହିପାରିବେ ବୋଲି କୁଳପତି କହିଥିଲେ। କୁଳସଚିବ କାହ୍ନୁ ଚରଣ ମଲ୍ଲିକଙ୍କୁ ପଚାରିବାରୁ ମେଡିକାଲରେ ଅଛି, ପରେ କଥା ହେବି ବୋଲି କହିଥିଲେ। ପରେ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

# ରାଜ୍ୟବ୍ୟାପୀ ଡାକ୍ତର ଆନ୍ଦୋଳନ, ରୋଗୀସେବା ବ୍ୟାହତ

## କୋଲକାତାରେ ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲା

ଭୁବନେଶ୍ୱର, ୧୬।୮ (ଅସମାପିକା ସାହୁ)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଲେଡି ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ପ୍ରତିବାଦ ତୀବ୍ର ହେବାରେ ଲାଗିଛି। ଓଡ଼ିଶାର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟବ୍ୟାପୀ ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ରୋଗୀ ସେବା ପ୍ରଭାବିତ ହୋଇଛି। କଟକ ଏସ୍‌ସିବି ମେଡିକାଲ କଲେଜଠାରୁ ଆରମ୍ଭ କରି ବୁର୍ଲା ଭୀମସାର, ବ୍ରହ୍ମପୁର ଏମ୍‌କେସିଜି, ଏମ୍ସ ଭୁବନେଶ୍ୱରରେ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଜରୁରିକାଳୀନ ଚିକିତ୍ସାକୁ ଛାଡ଼ି ଅନ୍ୟ ସମସ୍ତ ବିଭାଗ ସେବା ପ୍ରଭାବିତ ହୋଇଛି। ଜୁନିୟର ଡାକ୍ତର, ରେସିଡେଣ୍ଟ ଡାକ୍ତର ଆନ୍ଦୋଳନ ଚଳାଇଥିବା ବେଳେ ଏମ୍‌ବିବିଏସ୍ ଛାତ୍ରୀଛାତ୍ର ବି ସେମାନଙ୍କୁ ସମର୍ଥନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଆଉଟ୍‌ଡୋର୍ ରୋଗୀ ସେବା ଗୁରୁତର ଭାବରେ ପ୍ରଭାବିତ ହୋଇଛି। ସେପଟେ ଅତି ଜରୁରୀ ନ ଥିଲେ ଏସ୍‌ସିବି ନ ଆସିବା ପାଇଁ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି। ଏ ନେଇ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଏସ୍‌ସିବିରେ ବର୍ତ୍ତମାନ ସୁଦ୍ଧା ରୋଗୀ ସେବା ବ୍ୟାହତ ହୋଇନାହିଁ। ଆନ୍ଦୋଳନ ସହ ଜରୁରୀ ସେବା ଜାରି ରହିଛି। ଦେଶବ୍ୟାପୀ ଏହି ଆନ୍ଦୋଳନ କରାଯାଉଛି। ଅତି ଗୁରୁତର ରୋଗୀଙ୍କ ବ୍ୟତୀତ ଅନ୍ୟ କୌଣସି ରୋଗୀଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର ନ କରିବା ପାଇଁ ସମସ୍ତ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରୁଛି। ଅତି ଜରୁରୀ ନ ଥିଲେ ଏସ୍‌ସିବି ଆସନ୍ତୁ ନାହିଁ।



ଆନ୍ଦୋଳନକୁ ଓହ୍ଲାଇଥିବା ଏମ୍ସ ଭୁବନେଶ୍ୱରର ଡାକ୍ତରମାନେ।

ଅନ୍ୟପଟେ ଏମ୍ସ ଭୁବନେଶ୍ୱରରେ ମଧ୍ୟ ଶୁକ୍ରବାର ଆନ୍ଦୋଳନ ଜାରି ରହିଥିଲା। ସିନିୟର ରେସିଡେଣ୍ଟ, ଜୁନିୟର ଡାକ୍ତର ଏବଂ ୟୁଜି ଛାତ୍ରୀଛାତ୍ର ବି ଏଥିରେ ସାମିଲ ହୋଇଥିଲେ। ଏମ୍ସ ସମ୍ମୁଖରେ ପ୍ରତିବାଦ କରିବା ସହିତ ଅପରାହ୍ଣରେ ପୋଲିସର ଅନୁମତି ନେଇ ପ୍ରାୟ ୨କିମି ପ୍ରତିବାଦ ରାଲି କରିଥିଲେ। ସେମାନେ ପୀଡ଼ିତାଙ୍କୁ ନ୍ୟାୟ, ଠିକ ତଦନ୍ତ ଓ ଡାକ୍ତରଙ୍କ ସୁରକ୍ଷା ଦାବି କରିଛନ୍ତି। ଏଥିସହିତ ଯେଉଁସବୁ ସ୍ଥାନରେ ପ୍ରତିବାଦ ଯୋଗୁ ଡାକ୍ତରଙ୍କ ଉପରେ ରାଜନୈତିକ ଚାପ ପଡୁଛି ତା' ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଇଛି। ସେପଟେ ଏହି ମାମଲାରେ ଆଇଏମ୍ଏ ଶନିବାର ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛି। ସକାଳ ୬ଟାରୁ ଓପିଡି ସେବା ବନ୍ଦ ରଖିବା ପାଇଁ କହିଛି। ଏହାକୁ ସମର୍ଥନ ଜଣାଇ ଏମ୍ସ ଭୁବନେଶ୍ୱର ମଧ୍ୟ ଏଥିରେ ସାମିଲ ହେବ ବୋଲି ରେସିଡେନ୍ସ ଡାକ୍ତର ଆସୋସିଏଶନ ସଭାପତି ତଥା ଏମ୍ସ ଭୁବନେଶ୍ୱରର ଅର୍ଥୋପେଡିକ ବିଭାଗର ସିନିୟର ରେସିଡେଣ୍ଟ ଡା. ଦୀପକ ବି. ଘୁଗେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ଗୁରୁବାର ଆର୍. ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଜଣେ ୩୧ ବର୍ଷୀୟ ଟ୍ରେନି ଡାକ୍ତରଙ୍କୁ ଭୟଙ୍କର ଭାବେ ବଳାତ୍କାର କରାଯିବା ସହ ହତ୍ୟା କରାଯାଇଥିଲା। ଉକ୍ତ ମେଡିକାଲ କ୍ୟାମ୍ପସ୍‌ରେ ଥିବା ସେମିନାର ହଲ୍‌ରେ ଏହି ଘଟଣା ଘଟିଥିଲା। ଗତ ଶୁକ୍ରବାର ସକାଳେ ତାଙ୍କ ମୃତଦେହ ମିଳିଥିଲା।

## ନୂଆପଡ଼ା ଜିଲାଜଜ୍‌ଙ୍କ କାର୍ ଧକ୍କାରେ ଆଶାକର୍ମୀଙ୍କ ଗୋଡ଼ ଭାଙ୍ଗିଲା

ବୋଲଗଡ଼, ୧୬।୮ (ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ପିଚୁକୁଳି ନିକଟ ୫୭ ନମ୍ବର ଜାତୀୟ ରାଜପଥର ପାର୍ଶ୍ୱ ଏକ ହୋଟେଲ ସମ୍ମୁଖରେ ନୂଆପଡା ଜିଲାଜଜ୍‌ଙ୍କ କାର୍ ଧକ୍କାରେ ଜଣେ ଆଶାକର୍ମୀଙ୍କ ଗୋଡ଼ ଭାଙ୍ଗି ଗୁରୁତର ହୋଇଥିବା ବେଳେ ଜଣେ ଅମିନ ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନା ମୁତାବକ, ଶୁକ୍ରବାର ନୂଆପଡା ଜିଲା ଜଜ୍ ଏକ ଟ୍ରେନିଂରେ ଯୋଗଦେବାକୁ ଭୁବନେଶ୍ୱର ଯାଉଥିଲେ। ସ୍କୁଟିରେ ଚମ୍ପାଇଲୋ ଗ୍ରାମର ଅଶାକର୍ମୀ ସଞ୍ଜୁବାଳା ଦେଇ ଓ ରାସୋଳ ଗ୍ରାମର ଅମିନ କାର୍ଯ୍ୟ କରୁଥିବା ଶରତ ପରିଡା ଯାଉଥିଲେ। ଏହି ସମୟରେ ଜିଲାଜଜଙ୍କ କାର୍ (ଓଡି ୨୬ଜି ୦୩୫୩) ସ୍କୁଟି (ଓଡି୦୨ବି ୭୨୮୭)କୁ ଧକ୍କା ଦେଇଥିଲା। ଫଳରେ ଅଶାକାର୍ମୀଙ୍କ ଗୋଡ଼ ଭାଙ୍ଗି ଗୁରୁତର ହେବା ସହ ଅମିନ ଜଣଙ୍କ ଆହତ ହୋଇଥିଲେ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଖବରପାଇ ବେଗୁନିଆ ପୋଲିସ ପହଞ୍ଚି କାର୍ ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

## ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ଗୁରୁଶ୍ରୀ ସମ୍ମାନ'


୧୩ତମ ଗୁରୁଶ୍ରୀ ସମ୍ମାନ ମହୋତ୍ସବରେ ଗୁରୁପୂଜନ ପୂର୍ବକ ଗୁରୁ ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ଗୁରୁଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଉଛି।

ଭୁବନେଶ୍ୱର, ୧୬।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ୧୩ତମ ଗୁରୁଶ୍ରୀ ସମ୍ମାନ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ରୋଜାଲିନ ପାଟଶାଣୀ ମିଶ୍ର, ଗୁରୁ କବିତା ଦ୍ୱିବେଦୀ, ସୁଧୀ ରଞ୍ଜନ ମିଶ୍ର, ମନୋଜ ବେହେରା, ଚିନ୍ମୟ ପଟ୍ଟନାୟକ ଓ ପଦ୍ମଜା ପ୍ରିୟଦର୍ଶିନୀ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ସ୍ନେହପ୍ରଭା ସାମନ୍ତରାୟଙ୍କୁ ଗୁରୁ ପୂଜନ ପୂର୍ବକ ୫,୫୫୫ ଟଙ୍କାର ଅର୍ଥ ରାଶି ସହିତ 'ଗୁରୁଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ୪୦୦୧ ଟଙ୍କା ଅର୍ଥ ରାଶି ସହିତ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କୁ 'ନୃତ୍ୟ ସଂରଚନା ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଡ. ଦୀପ୍ତି ରାଉତରାୟ, ଡ. ଅନିସା ଅନୁକମ୍ପା ଏବଂ ଗୁରୁ ଚପଳା ମିଶ୍ରଙ୍କୁ 'ନୃତ୍ୟଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିଲା। କନିଷ୍ଠ ଓ ଶିଶୁ ବିଭାଗର କୃତୀ ପ୍ରତିଯୋଗୀ ଭାବେ ଅର୍ପିତା ଶତପଥୀଙ୍କୁ ୩ହଜାର ଓ ସୁଶ୍ରୀ ପଣ୍ଡାଙ୍କୁ ୩,୨୦୦ ଟଙ୍କା ଅର୍ଥରାଶି ସହ ପ୍ରଜ୍ଞା ପ୍ରତିଭା ସମ୍ମାନ ସ୍ୱରୂପ ବାର୍ଷିକ ବୃତ୍ତି ପ୍ରଦାନ କରାଯାଇଥିଲା। ନବ କିଶୋର ବେହେରା ସଭାପତିତ୍ୱ କରିଥିବାବେଳେ ଅନୁଷ୍ଠାନର କଳାକାରମାନେ ମହାଭାରତର ଏକ ଭିନ୍ନ ଅନୁଶୀଳନ ଓ ସମୀକ୍ଷା ନୃତ୍ୟନାଟିକା 'କପଟ କଥା' ପରିବେଷଣ କରିଥିଲେ। ଗୁରୁ ସୁକାନ୍ତ କୁମାର କୁଣ୍ଡୁ ସଙ୍ଗୀତ ସଂଯୋଜନା, ଗୁରୁ ଧନେଶ୍ୱର ସ୍ୱାଇଁ ବାଦ୍ୟ ସଂଯୋଜନା ଏବଂ ଗୁରୁ ସ୍ୱୟଂପ୍ରଭା ସାହୁ ନୃତ୍ୟ ସଂରଚନା କରିଥିଲେ। ଶ୍ରୀନିବାସ ଘଟୁଆରୀ ଗୀତ ରଚନା ସହିତ ସଙ୍ଗୀତ ପରିଚାଳନା କରିଥିଲେ। ଦୀପ୍ତି ରାଉତରାୟ ମୁଁ ସରିଗଲି ଆଜି.. ଗୀତରେ ଏକକ ନୃତ୍ୟ ଏବଂ ଦିନେ ଦିନେ ଚତୁରୀ ଗୀତରେ.. ଅନିସା ଅନୁକମ୍ପା ଓ ଲୋପାମୁଦ୍ରା ନାୟକ ଯୁଗଳ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ରୁଦ୍ରାକ୍ଷ ଫାଉଣ୍ଡେଶନର ଶିଷ୍ୟଙ୍କ ଦ୍ୱାରା ତାଳ ତରଙ୍ଗ ପରିବେଷିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଗୁରୁ ସ୍ୱୟଂପ୍ରଜ୍ଞା ସାହୁ ଏବଂ କୋଷାଧ୍ୟକ୍ଷ ଗୟାଧର ସାହୁଙ୍କ ତତ୍ତ୍ୱାବଧାନରେ ମିଳନ ଏହାର ସଂଯୋଜନା କରିଥିଲେ।

## ଆଶ୍ରମ ସ୍କୁଲରୁ ୨ ଛାତ୍ରୀ ନିଖୋଜ

ଖୁଣ୍ଟୁଣୀ, ୧୬।୮ (ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଆଠଗଡ଼ ବ୍ଲକ ଅନ୍ତର୍ଗତ ରାହାଙ୍ଗୁଳ ଆବାସିକ ବିଦ୍ୟାଳୟରୁ ୨ ଜଣ ଛାତ୍ରୀ ନିଖୋଜ ହୋଇଯାଇଥିବା ଶୁକ୍ରବାର ରାତିରେ ଖୁଣ୍ଟୁଣୀ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଉକ୍ତ ସ୍କୁଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସବୁଦିନ ଭଳି ଶୁକ୍ରବାର ଅପରାହ୍ଣ ୪ଟାରେ ୨ ଛାତ୍ରୀ ସେମାନଙ୍କ ସହପାଠୀଙ୍କ ସହିତ ଜଳଖିଆ ଖାଇ ହଷ୍ଟେଲ ଭିତରକୁ ଯାଇଥିଲେ। ସନ୍ଧ୍ୟା ୬ଟାରେ ପ୍ରାର୍ଥନା ଆରମ୍ଭ ହେବା ପୂର୍ବରୁ ଯେତେବେଳେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଗଣନା କରାଗଲା, ସେଥିରେ ଛାତ୍ରୀ ଦ୍ୱୟ ନଥିବା ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁ ଜାଣିବାକୁ ପାଇଥିଲେ। ତୁରନ୍ତ ସେ ସ୍କୁଲ ପରିସର ଓ ବାହାରେ ଖୋଜାଖୋଜି କରିଥିଲେ ମଧ୍ୟ ଛାତ୍ରୀ ଦ୍ୱୟଙ୍କ ପତ୍ତା ମିଳି ନ ଥିଲା। ଏନେଇ ସେ ଥାନାରେ ଜଣାଇଥିଲେ। ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ, ଏସ୍ଆଇ ବିକାଶ କୁମାର ସେଠୀ, ଅମ୍ବିକା ଦାସ ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ଛାତ୍ରୀ ଦ୍ୱୟଙ୍କ ଘର ମୟୂରଭଞ୍ଜରେ ହୋଇଥିବାରୁ ସେମାନଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେମାନେ ଘରେ ପହଞ୍ଚି ନ ଥିବା ଜଣାପଡିଛି। ସ୍କୁଲରେ ସୁରକ୍ଷା ବ୍ୟବସ୍ଥା ଥାଇ ସୁଦ୍ଧା ସେମାନେ କିଭଳି ଓ କାହା ସାଙ୍ଗରେ ବାହାରକୁ ଗଲେ ତାହାକୁ ନେଇ ତଦନ୍ତ ଜାରି ରହିଥିବା ଏସ୍ଆଇ ସେଠୀ କହିଛନ୍ତି।


ବଲିଉଡ୍ ଅଭିନେତ୍ରୀ ଜୁହି ଚାଓ୍ୱଲା ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

## ଜାତୀୟ ଆଇନସେବା ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷଙ୍କ ଝାରପଡ଼ା ଜେଲ ପରିଦର୍ଶନ

ଭୁବନେଶ୍ୱର, ୧୬।୮ (ସତ୍ୟଜିତ୍ ରାଉତ)

ସୁପ୍ରିମକୋର୍ଟ ବିଚାରପତି ତଥା ଜାତୀୟ ଆଇନସେବା ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସଞ୍ଜୀବ ଖାନ୍ନା ଶୁକ୍ରବାର ଭୁବନେଶ୍ୱର ଗସ୍ତରେ ଆସି ଝାରପଡ଼ାସ୍ଥିତ ସ୍ୱତନ୍ତ୍ର କାରାଗାର ପରିଦର୍ଶନ କରିଛନ୍ତି। ଜେଲ୍ ପରିସରରେ ଥିବା ଆଇନସେବା କେନ୍ଦ୍ର ବୁଲି ଦେଖିବା ସହ ଅନ୍ତେବାସୀଙ୍କ ଆଇନଗତ ସମସ୍ୟା ଓ ନିରାକରଣ, ସ୍ୱାସ୍ଥ୍ୟ, ଖାଦ୍ୟ, ଚିକିତ୍ସା, ପରିମଳ ଏବଂ ସାମଗ୍ରିକ ବ୍ୟବସ୍ଥା ସମ୍ପର୍କରେ ପଚାରିବୁଝିଥିଲେ। ଏହାପରେ ସେ ଭୁବନେଶ୍ୱର ଆଇନସେବା ପ୍ରାଧିକରଣଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆଇନସେବା ପ୍ରତିପକ୍ଷ ଓକିଲଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଓକିଲଙ୍କ ସହ ଉନ୍ନତ ମାନର ସେବା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପ୍ରାଧିକରଣ କାର୍ଯ୍ୟାଳୟରେ କାର୍ଯ୍ୟରତ ତାଲିମପ୍ରାପ୍ତ ମଧ୍ୟସ୍ଥତା କେନ୍ଦ୍ରର ଆଇନଜୀବୀ ଏବଂ ଜିଲା ଆଇନସେବା ପ୍ରାଧିକରଣଙ୍କ ତାଲିକାଭୁକ୍ତ ଆଇନଜୀବୀଙ୍କ ସହ ଆଇନକାନୁନ ବିଧିବ୍ୟବସ୍ଥା ଓ ଏହାର ସୁଫଳ ନେଇ ଆଲୋଚନା କରିଥିଲେ। ଏଥିସହ ପ୍ରାଧିକରଣଙ୍କ ତାଲିମପ୍ରାପ୍ତ ଗ୍ରାମୀଣ ଆଇନ ସହାୟତା କର୍ମୀଙ୍କ ସହ କଥା ହୋଇ ଜନସାଧାରଣଙ୍କୁ କିଭଳି ଆଇନଗତ ସେବା, ସାହାଯ୍ୟ ଓ ପରାମର୍ଶ ସହ ତ୍ୱରିତ ସେବା ଯୋଗାଇ ଦିଆଯାଇପାରିବ ସେ ସଂକ୍ରାନ୍ତରେ ପରାମର୍ଶ ଦେଇଥିଲେ। ଏସବୁ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଅଶାନ୍ତ କୁମାର ଦାସ, ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ସୁଦିପ୍ତ ଆଚାର୍ଯ୍ୟ, ଭିଜିଲାନ୍ସ ଓଏସ୍‌ଡି ସନ୍ତୋଷ କୁମାର ଦାସ ରାୟ, ସହସଚିବ ସୁଜନ ସାରସ୍ୱତଙ୍କ ସମେତ ସ୍ଥାୟୀ ଲୋକ ଅଦାଲତ ଜଜ୍ ଅରବିନ୍ଦ କୁମାର ଗୁରୁ, ରେଜିଷ୍ଟ୍ରାର ସବ୍ୟସାଚୀ ପ୍ରଧାନଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଯୋଗଦେଇଥିଲେ।

## ନିମାପଡ଼ା ସବ୍‌ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଗୋପ/ନିମାପଡ଼ା, ୧୬।୮ (ଭାରତୀ ଭୂଷଣ ଉପାଧ୍ୟାୟ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଉପକାରାଗାରର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲା ଗୋପ ଥାନା ଅଧୀନ ଶୋଳପୁର ଅଞ୍ଚଳର ଜଗବନ୍ଧୁ ରାଉତ। ଗତ ୫ମାସ ହେବ ସେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ଗୁରୁବାର ଜଗବନ୍ଧୁ ଅସୁସ୍ଥ ହୋଇପଡ଼ିବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତେବେ ସେହିଦିନ ଅପରାହ୍ଣରେ କ୍ୟାପିଟାଲ ହସ୍ପିଟାଲରେ ଜଗବନ୍ଧୁଙ୍କ ମୃତ୍ୟୁ ହୋଇଥିଲା। କେଉଁ କାରଣରୁ ଜଗବନ୍ଧୁଙ୍କ ମୃତ୍ୟୁ ଘଟିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ ବୋଲି ଜେଲର ସୁଶ୍ରୀ ସ୍ମିତା ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଜଗବନ୍ଧୁଙ୍କୁ ଜେଲ୍‌ରେ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ଅହଲ୍ୟା ରାଉତ ଅଭିଯୋଗ ଆଣି ପରିବାର ସହ ନ୍ୟାୟ ଦାବିରେ ଗୋପ- କୋଣାର୍କ ରାସ୍ତାର ଗୋପ ବଜାର ଛକ ରାସ୍ତା ଅବରୋଧ କରି ଦୀର୍ଘ ୩ ଘଣ୍ଟା ଧରି ବସିରହିଥିଲେ।


ମୃତଦେହ ରଖି ରାସ୍ତାରୋକୋ କରାଯାଉଛି।

'ମୋ ସ୍ୱାମୀଙ୍କୁ ନିମାପଡ଼ା ଉପକାରାଗାରରେ ମାରିଦେଇଛନ୍ତି। ମୋ ପିଲାମାନେ ବାପ ଛେଉଣ୍ଡ ହୋଇଗଲେ। ମତେ ନ୍ୟାୟ ଦିଅ'। ଏପରି ଅନେକ କଥା କହି ଜଗବନ୍ଧୁଙ୍କ ମୃତଦେହ ଉପରେ ମୁଣ୍ଡ ପିଟି କାନ୍ଦିବା ସହ ନ୍ୟାୟ ମାଗୁଥିଲେ ଅହଲ୍ୟା। ଗୁରୁବାର ଅପରାହ୍ଣରେ ଗୋପ ବଜାର ଛକଠାରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ନିମାପଡ଼ା ଥାନାର ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ବିଚାର ବିଭାଗୀୟ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ସମ୍ପୃକ୍ତ ପରିବାରକୁ ରେଡ୍‌କ୍ରସ୍ ପକ୍ଷରୁ ୧୦ ହଜାର ଟଙ୍କା ସହାୟତା ରାଶି ଦିଆଯାଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ସମ୍ପର୍କରେ ଅବଗତ ହେବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ଭାଜପାର ଗୋପ ବ୍ଲକ ଯୁବମୋର୍ଚ୍ଚା ସଭାପତି ଶିବ ପ୍ରସାଦ ସ୍ୱାଇଁ ୫ ହଜାର ଟଙ୍କା ସହାୟତା ଦେଇଛନ୍ତି। ପ୍ରକାଶ ଯେ, ଜଗବନ୍ଧୁ (୪୨) ଏକ ଘଟଣା କ୍ରମରେ ଦୀର୍ଘ ୫ ମାସ ହେବ ନିମାପଡ଼ା ଉପକାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ୧୪ ତାରିଖ ସନ୍ଧ୍ୟାରେ ଗୋପ ଥାନା ପକ୍ଷରୁ ସ୍ୱାସ୍ଥ୍ୟ ସମସ୍ୟା ଖରାପ ଯୋଗୁ ଜଗବନ୍ଧୁଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ତେବେ ଏହାକୁ ସହଜରେ ସହଜରେ ଗ୍ରହଣ କରିପାରି ନ ଥିଲେ ଅହଲ୍ୟା। ଏ ନେଇ ପରିବାର ଓ ଗ୍ରାମବାସୀ ଗୋପ ବଜାର ଛକଠାରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଶତାଧିକ ଗାଡ଼ି ଅଟକି ରହିଥିବାବେଳେ ଯାତ୍ରୀ ଓ ପର୍ଯ୍ୟଟକ ହଇରାଣ ହୋଇଥିଲେ।

### ହତ୍ୟା ଅଭିଯୋଗ ଆଣି ରାସ୍ତାରୋକୋ

■ ୩ ଘଣ୍ଟା ଅଟକିଲା ଶତାଧିକ ଗାଡ଼ି, ଯାତ୍ରୀ ହଇରାଣ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରମେଶ


@ ମଳୟ


@ ସାରଦା


@ ପ୍ରଦୀପ୍ତ


@ ଶାନ୍ତିଲତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦର୍ଶକଙ୍କୁ ଧନ୍ୟବାଦ ଦେଲେ 'ଦମନ' ଟିମ୍

ଭୁବନେଶ୍ୱର, ୧୬।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଚଳଚ୍ଚିତ୍ର 'ଦମନ' ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବା ପରେ ଶୁକ୍ରବାର ଟିମ୍ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଛି। ଟିମ୍ ପକ୍ଷରୁ ଓଡ଼ିଶାର ଦର୍ଶକମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ସମ୍ମିଳନୀରେ ଅଭିନେତା ବାବୁଶାନ ମହାନ୍ତି, ପ୍ରଯୋଜକ ଦୀପେନ୍ଦ୍ର ସାମଲ, ପିଙ୍କିସ ପ୍ରଧାନ, ନିର୍ଦ୍ଦେଶକ ବିଶାଲ ମୌର୍ଯ୍ୟ, ଦେବୀ ପ୍ରସାଦ ଲେଙ୍କା, ସଙ୍ଗୀତ ନିର୍ଦ୍ଦେଶକ ଗୌରବ ଆନନ୍ଦ, ମାର୍କେଟିଂ ମୁଖ୍ୟ ସମ୍ବିତ ଜେନା, ପ୍ରଚାର ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁରସ୍କାର ସହିତ ଓଡ଼ିଆ ସିନେମା ଇତିହାସରେ ଯୋଡି ହୋଇଛି ଆଉ ଏକ ପୃଷ୍ଠା । ଓଡ଼ିଶାରେ ଥିବା ଅନେକ ଯୁବ ପ୍ରତିଭା ଓ ଯୁବ ନିର୍ଦ୍ଦେଶକଙ୍କୁ ଏହା ପ୍ରେରଣା ଦେବା ସହିତ ନୂଆ କିଛି କାମ କରିବାକୁ ମାର୍ଗ ଦେଖାଇବ ବୋଲି ଆଶା ଓ ବିଶ୍ୱାସ ପ୍ରକାଶ କରିଛନ୍ତି ଦମନ ଟିମ୍।


ଖବରଦାତା ସମ୍ମିଳନୀରେ ଦମନ ଟିମ୍ ପୁରସ୍କାର ସମ୍ପର୍କରେ ସୂଚନା ଦେଉଛନ୍ତି।

# ଭିନେଶଙ୍କ ମୃତ୍ୟୁର ଆଶଙ୍କା ଥିଲା: କୋଚ୍

ନୂଆଦିଲ୍ଲୀ ୧୬।୮

ଗତ ସପ୍ତାହରେ ପ୍ୟାରିସ ଅଲିମ୍ପିକ୍ସ ୫୦କେଜି ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ଭାରତର ଷ୍ଟାର ରେସ୍‌ଲର ଭିନେଶ ଫୋଗଟ ଇତିହାସ ସୃଷ୍ଟି କରିଥିଲେ। ମାତ୍ର ଦୁର୍ଭାଗ୍ୟର ବିଷୟ ଏହି ୨୯ ବର୍ଷୀୟା କୁସ୍ତିଯୋଦ୍ଧା ମହିଳା ୫୦ ମିଟର ଫ୍ରିଷ୍ଟାଇଲ ଫାଇନାଲ ପାଇଁ ଅଯୋଗ୍ୟ ଘୋଷିତ ହୋଇଥିଲେ। କିଛି ନ ହେଲେ ରୌପ୍ୟ ପାଇବା ପାଇଁ ସେ ହକ୍‌ଦାର ବୋଲି ଯୁକ୍ତି ଦର୍ଶାଇ ସେ ନ୍ୟାୟ ପାଇଁ କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ର ଆଡହକ୍ ଡିଭିଜନରେ ଅପିଲ କରିଥିଲେ। ମାତ୍ର ବୁଧବାର କାସ୍ ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲା। ଏହା ତାଙ୍କ ହଙ୍ଗେରିଆନ କୋଚ୍ ଉଲର ଆକସଙ୍କୁ ଏତେଟା ବ୍ୟଥିତ କରିଥିଲା ଯେ ଗୁରୁବାର ସୋସିଆଲ ମିଡିଆ ଜରିଆରେ ତାଙ୍କ ଭାବାବେଗ ପ୍ରକାଶ କରିବାକୁ ପଛାଇ ନ ଥିଲେ। ଓଜନ ହ୍ରାସ ପାଇଁ ଫୋଗଟଙ୍କ କଷ୍ଟସାଧ ଉଦ୍ୟମ ସମ୍ପର୍କରେ ସେ ତାଙ୍କ ଫେସ୍‌ବୁକ୍ ପୋଷ୍ଟରେ ବର୍ଣ୍ଣନା କରିଛନ୍ତି। ଆକସ ଲେଖିଛନ୍ତି: ସେମିଫାଇନାଲ ପରେ ଓଜନ ୨.୭ କେଜି ବୃଦ୍ଧି ପାଇଥିଲା। ଫୋଗଟଙ୍କୁ ପ୍ରଥମେ ୧ ଘଣ୍ଟା ୨୦ମିନିଟ ବ୍ୟାୟାମ କରିବାକୁ ହୋଇଥିଲା। ପରେ ତାଙ୍କୁ ୫୦ମିନିଟ ସଉନା ବାଥ୍ କରାଯାଇଥିଲା, କିନ୍ତୁ ତାଙ୍କ ଶରୀରରୁ ଟୋପାଏ ହେଲେ ଝାଳ ବାହାରି ନ ଥିଲା। ଆମ ପାଖରେ ଆଉ କିଛି ବିକଳ୍ପ ନ ଥିଲା। ଆମ ହାତରେ ସେତେବେଳେ ମଧ୍ୟରାତ୍ରରୁ ସକାଳ ୫ଟା ୩୦ ପର୍ଯ୍ୟନ୍ତ ସମୟ ବାକି ଥିଲା। ଫୋଗଟ ଭିନ୍ନ ଭିନ୍ନ କାର୍ଡିଓ ମେସିନରେ ୪୫ ମିନିଟ ଧରି ୱାର୍କଆଉଟ କରିଥିଲେ। ଦୁଇରୁ ୩ ମିନିଟ ବିଶ୍ରାମ ପରେ ସେ ପୁଣି ୱାର୍କଆଉଟ ଆରମ୍ଭ କରିଦେଇଥିଲେ। ହଠାତ୍ ସେ ବେହୋସ ହୋଇ ଯାଇଥିଲେ। ଆମେ କୌଣସିମତେ ତାଙ୍କ ଚେତା ଫେରାଇ ଆଣିବାରେ ସକ୍ଷମ ହୋଇଥିଲୁ। ପରେ ସେ ଏକ ଘଣ୍ଟା ଧରି ସଉନା ବାଥ୍ କରିଥିଲେ। ମୁଁ ଉଦ୍ଦେଶ୍ୟମୂଳକ ଭାବେ ଘଟଣାର ନାଟକୀୟ ରୂପ ଦେବାକୁ ଚେଷ୍ଟା କରି ନାହିଁ, ହୁଏତ ତାଙ୍କର ପ୍ରାଣବାୟୁ ଉଡି ଯାଇ ନ ଥାନ୍ତା କିଏ କହିବ, ଏକଥା ମୋର ମନେପଡ଼ିଯାଉଛି। ସେଦିନ ରାତିରେ ହସ୍ପିଟାଲରୁ ଫେରିବା ପରେ ଆମ ଭିତରେ ମଜାଦାର ଆଲୋଚନା ହୋଇଥିଲା। ଫୋଗଟ ମୋତେ କହିଥିଲେ, ଆପଣ ଦୁଃଖ କରନ୍ତୁ ନାହିଁ। ଦିନେ ମୋତେ ଆପଣ ଉପଦେଶ ଦେଇ କହିଥିଲେ, କଠିନ ପରିସ୍ଥିତିରେ ଅତିରିକ୍ତ ଶକ୍ତିର ଆବଶ୍ୟକତା ରହିଛି ବୋଲି। ମୋତେ ଏଠି ଭାବିବାକୁ ପଡ଼ିବ ଯେ, ମୁଁ ବିଶ୍ୱର ଶ୍ରେଷ୍ଠ କୁସ୍ତିଯୋଦ୍ଧା (ଜାପାନର ୟୁଇ ସୁସାକି)ଙ୍କୁ ପରାସ୍ତ କରିପାରିଛି। ତେଣୁ ମୁଁ ମୋର ଲକ୍ଷ୍ୟ ହାସଲ କରିସାରିଛି। ଏହାଦ୍ୱାରା ମୁଁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କୁସ୍ତିଯୋଦ୍ଧା ବୋଲି ପ୍ରମାଣ କରି ଦେଖାଇ ଦେଇଛି। ଆମ ଗେମ୍‌ପ୍ଲାନ ଠିକଣା ରୂପେ କାର୍ଯ୍ୟ କରିଛି। ମେଡାଲ ଓ ପୋଡିୟମ କେବଳ ବସ୍ତୁ। ପ୍ରଦର୍ଶନକୁ କେହି ଛଡ଼ାଇନେଇ ପାରିବେ ନାହିଁ।


ଭିନେଶ ଫୋଗଟ

## ‘୨୦୩୨ ପର୍ଯ୍ୟନ୍ତ ଲଢ଼ିବା ସାମର୍ଥ୍ୟ ଅଛି’

ଭାରତର ଅନ୍ୟତମ ନିପୁଣ ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗଟ ନିକଟରେ ଶେଷ ହୋଇଥିବା ପ୍ୟାରିସ ଅଲମ୍ପିକ୍ସରେ ଜବରଦସ୍ତ ଫର୍ମରେ ଥିଲେ। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଅତି ସହଜରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଏପରିକି ବିଶ୍ୱର ଶ୍ରେଷ୍ଠ କୁସ୍ତିଯୋଦ୍ଧା ଜାପାନର ୟୁଇ ସୁସାକଙ୍କୁ ମଧ୍ୟ ସେ ଚିତ୍‌ପଟାଙ୍ଗ କରିଦେଇଥିଲେ। ମାତ୍ର ୧୦୦ ଗ୍ରାମ ଅଧିକ ଓଜନ ପାଇଁ ସେ ମହିଳା ୫୦କେଜି ଫାଇନାଲ ପାଇଁ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏହା ତାଙ୍କୁ ଖୁବ୍ ବ୍ୟଥିତ କରିଥିଲା। ସେ କୁସ୍ତିରୁ ତାଙ୍କର ଅବସର ଘୋଷଣା କରିବା ସହ ନ୍ୟାୟ ଆଶା କରି କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ର ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ଯୁଗ୍ମ ରୌପ୍ୟ ବିଜେତା ଘୋଷଣା କରାଯାଉ ବୋଲି ନିବେଦନ କରିଥିଲେ। ମାତ୍ର ସେସବୁ ବୃଥା ପ୍ରମାଣିତ ହୋଇଥିଲା। ଶୁକ୍ରବାର ସୋସିଆଲ ମିଡିଆରେ ତାଙ୍କ ବର୍ତ୍ତମାନର ମାନସିକତାର ପରିପ୍ରକାଶ କରିଛନ୍ତି। ସେ କହିଛନ୍ତି ତାଙ୍କର ଏବେ ସୁଦ୍ଧା କୁସ୍ତି କ୍ଷୁଧା ମେଣ୍ଟି ନାହିଁ। ତାଙ୍କ ନିକଟରେ ବର୍ତ୍ତମାନ ଯେଉଁ ଶକ୍ତି ରହିଛି ଭିନ୍ନ ପରିସ୍ଥିତିରେ ସେ ସମ୍ଭବତଃ ୨୦୩୨ ପର୍ଯ୍ୟନ୍ତ ପ୍ରତିଯୋଗିତାରେ ଭାଗ ନେଇପାରିବେ ବୋଲି ମନେକରନ୍ତି। ତେବେ ବର୍ତ୍ତମାନ ନିଜର ଭବିଷ୍ୟତକୁ ନେଇ ନିଶ୍ଚିତ ନୁହଁନ୍ତି। ଆଗକୁ ହୁଏତ ସମାନ ଅବସ୍ଥା ନ ଥାଇପାରେ। ଭିନେଶ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ପିଲା ଦିନର ସ୍ୱପ୍ନ ଶେୟାର କରିଛନ୍ତି। ପିତାଙ୍କ ସ୍ୱର୍ଗବାସ ପରେ ତାଙ୍କୁ ଯେଉଁ କଠିନ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା ତାହାର ସେ ବର୍ଣ୍ଣନା କରିଛନ୍ତି। ଲୋକମାନଙ୍କ ସହାଯ୍ୟ ସହଯୋଗରେ ସେ ଅନେକ ଉପରକୁ ଉଠିପାରିଥିଲେ। ହେଲେ ପ୍ୟାରିସ୍‌ରେ ତାଙ୍କର ଏହି ଅସାଧାରଣ ଯାତ୍ରାର ହୃଦୟବିଦାରକ ପରିସମାପ୍ତି ଘଟିଛି।

# ମିଜୋରାମକୁ ୧୧-୦ରେ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୧୬।୮ (ତପନ ସ୍ୱାଇଁ):** ଆନ୍ଧ୍ର ପ୍ରଦେଶର ଅନନ୍ତପୁରଠାରେ ଚାଲିଥିବା ଜାତୀୟ ଜୁନିୟର ବାଳିକା ଫୁଟବଲର ଶୁକ୍ରବାର ମ୍ୟାଚରେ ଓଡ଼ିଶା ୧୧-୦ ଗୋଲରେ ମିଜୋରାମକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ଛତିଶଗଡ଼କୁ ୪-୨ ଗୋଲରେ ହରାଇଥିବା ଓଡ଼ିଶା ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀଠାରୁ ୧-୩ ଗୋଲରେ ହାରିଥିଲା। ତୃତୀୟ ମ୍ୟାଚ୍‌ରେ ଦଳ ପକ୍ଷରୁ ମିଡ୍‌ଫିଲ୍ଡର ଇପ୍ସିତା ରାଉତ ଡବଲ ହ୍ୟାଟ୍ରିକ ସହ ୩, ୫, ୩୧, ୬୪, ୬୯ ଓ ୯୦+୧ ମିନିଟରେ ଏକାକୀ ୬ଟି ଗୋଲ ଦେଇଥିଲେ। ଅଧିନାୟିକା ଅଣ୍ଡମୋନି ବାସ୍କେ ୪୧ ଓ ୯୦+୩ ମିନିଟରେ ୨ଟି ଏବଂ ରୂପଶ୍ରୀ ମୁଣ୍ଡା ୮ମ, ଆଞ୍ଚଲ ସିଂ ୯ମ ଓ ଲୋଟସ ହଂସ ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।









# ଆନ୍ତଃସ୍କୁଲ ଜିମ୍ନାଷ୍ଟିକ୍ସ ଉଦ୍‌ଯାପିତ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୧୬।୮ (ତପନ ସ୍ୱାଇଁ):** ସ୍ୱାଧୀନତା ଦିବସ ଅବସରରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ୩ୟ ଆମନ୍ତ୍ରଣୀୟ ଆନ୍ତଃସ୍କୁଲ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶାର ବିଭିନ୍ନ ଜିଲାରୁ ୮୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଉଭୟ ବାଳିକା ଓ ବାଳକ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗୀଙ୍କ ବୟସ ସୀମା ୬ରୁ ୧୨ବର୍ଷ ରଖା ଯାଇଥିଲା। ୬ ଓ ୮ ବର୍ଷର ପିଲାଙ୍କ ପାଇଁ ଗୋଟିଏ ଅପାରଟସ, ୧୦ ବର୍ଷର ପିଲାଙ୍କ ପାଇଁ ୨ଟି ଓ ୧୨ ବର୍ଷର ପିଲାଙ୍କ ପାଇଁ ୪ଟି ଆପାରଟସରେ ପ୍ରତିଯୋଗିତା ହୋଇଥିଲା। ସୁସୃତ ହସ୍ପିଟାଲର ପ୍ରତିଷ୍ଠାତା ସିଇଓ ଚିଦାମ୍ବିକା ଖଟୁଆ ମୁଖ୍ୟ ଅତିଥି ଏବଂ ଗଣଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଅଭିନେତ୍ରୀ ମେଘନା ମିଶ୍ର, ଭୁବନେଶ୍ୱର ଜିମ୍ନାଷ୍ଟିକ୍ସ ଆସୋସିଏଶନ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ ଓ କଳିଙ୍ଗ ଗୌରବ ଫାଉଣ୍ଡେଶନର ପ୍ରତିଷ୍ଠାତା ରଜନିକାନ୍ତ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏକାଡେମୀ ଅଧ୍ୟକ୍ଷା ମୀରାରାଣୀ ଦାସ ଓ ସମ୍ପାଦକ ଯଶୋବନ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏକାଡେମୀର କର୍ମକର୍ତ୍ତା ଓ ଅଭିଭାବକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉମାକାନ୍ତ ଓଝା, ଜାଭେଦ ଅଖତର, ସୀତାକାନ୍ତ ଓଝା, ନୀତୀଶ ମିଶ୍ର ଓ ମୃଣାଳିନ ଦାସ ଜଜ୍ ଦାୟିତ୍ୱ ନିର୍ବାହ କରିଥିଲେ।

**ଭାଗନେଲେ ୮୫ ପ୍ରତିଯୋଗୀ**

# ରହିମ ଅଲୀଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

ଭୁବନେଶ୍ୱର, ୧୬।୮ (ତପନ ସ୍ୱାଇଁ)

ପ୍ରତିଭା ସମ୍ପନ୍ନ ଭାରତୀୟ ଫରୱାର୍ଡ ରହିମ ଅଲୀଙ୍କ ସହ ୩ ବର୍ଷ ପାଇଁ ଚୁକ୍ତି କରିଛି ଓଡ଼ିଶା ଏଫ୍‌ସି। ଏହି ଯୁବ ଆକ୍ରମଣାତ୍ମକ ଖେଳାଳି ସାମିଲ ହେବାଦ୍ୱାରା ଆଗାମୀ ଇଣ୍ଡିଆନ ସୁପରଲିଗ୍ ସିଜନ ପାଇଁ ଓଡ଼ିଶା କଳିଙ୍ଗ ୱାରିୟର୍ସ ଦଳର ଶକ୍ତିବୃଦ୍ଧି ହୋଇଛି। ନିଜର ପେସ୍, ଡ୍ରିବ୍‌ଲିଂ ଦକ୍ଷତା ଏବଂ ଗୋଲ ଉପରେ ନଜର ପାଇଁ ବିଶେଷ ପରିଚିତ ରହିମ ଓଡ଼ିଶା ଏଫ୍‌ସିର ଆକ୍ରମଣାତ୍ମକ ବିଭାଗରେ ନିଜ ଅଭିଜ୍ଞତାର ଉପଯୋଗ କରିବେ। ସେ ଆଇଏସ୍‌ଏଲ୍‌ରେ ସ୍ଥିର ପ୍ରଦର୍ଶନ ଦେଇ ଆସିଥିବା ଖେଳାଳିଙ୍କ ମଧ୍ୟରୁ ଅନ୍ୟତମ। ସେ ଭାରତୀୟ ଦଳ ପକ୍ଷରୁ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଏଜ୍‌ଗ୍ରୁପ୍‌ରେ ମଧ୍ୟ ଖେଳି ଆସିଛନ୍ତି। ‘‘ରହିମ ଜାତୀୟ ଦଳର ଜଣେ ଖେଳାଳି। ଆଇଏସ୍‌ଏଲ୍ ଅଭିଜ୍ଞତା ସହ ଦୃଢ଼ ଏବଂ ବୈଷୟିକ ଦୃଷ୍ଟିରୁ ଉନ୍ନତ ଥିବାରୁ ଦଳର ଶକ୍ତିବୃଦ୍ଧିରେ ସହାୟକ ହୋଇପାରିବେ’’ ବୋଲି ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଛନ୍ତି। ରହିମ ମଧ୍ୟ ଓଡ଼ିଶା ଏଫ୍‌ସି ସହିତ ଚୁକ୍ତିକରି ବେଶ୍ ଉଲ୍ଲସିତ ବୋଲି ପ୍ରକାଶ କରିଛନ୍ତି। ବିଶେଷ କରି ଲୋବେରାଙ୍କ ଅଧିନରେ ଖେଳିବାକୁ ତାଙ୍କର ଦୀର୍ଘ ଦିନର ଇଚ୍ଛାଥିଲା ବୋଲି ସେ କହିଛନ୍ତି।


ରହିମ ଅଲୀ






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ